ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୪୬, ଭୁବନେଶ୍ୱର: ନଭେମ୍ବର ୨୪-୩୦, ୨୦୨୫ Vol-16, Issue-46, Bhubaneswar : November 24-30, 2025

RNI NO.ODIODI/2010/33715

## ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀଙ୍କ ବୃତ୍ତି ବୃଦ୍ଧି

**ଭୁବନେଶ୍ୱର:** ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାର ବୃଦ୍ଧି କରିଛନ୍ତି। ଛାତ୍ରଙ୍କୁ ପୂର୍ବରୁ ବାର୍ଷିକ ୧୦,୫୦୦ ଟଙ୍କା ମିଳୁଥିଲା। ଏବେ ୧୬ ହଜାର ଟଙ୍କା ମିଳିବ। ସେହିଭଳି ଛାତ୍ରୀଙ୍କୁ ୧୧ ହଜାର ଟଙ୍କା ମିଳୁଥିଲା। ଏବେ ୧୭ ହଜାର ଟଙ୍କା ମିଳିବ। ସର୍ବାଧିକ ୧୦ ମାସ ପାଇଁ ଏହି ଛାତ୍ରବୃତ୍ତି ମିଳିବ। ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ।ଏହି ବର୍ଦ୍ଧିତ ଛାତ୍ରବୃତ୍ତି ୨୦୨୫-୨୬ ଶିକ୍ଷାବର୍ଷର ଡିସେମ୍ବର ମାସ ପହିଲାରୁ ଲାଗୁ କରାଯିବ। କ୍ୟାବିନେଟ୍ ବୈଠକ ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ସେ କହିଛନ୍ତି ଯେ ଏସ୍‌ସି,ଏସ୍‌ଟି ବିଭାଗ ଓ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟରେ ଅଧ୍ୟନ କରୁଥିବା ଅନ୍ତେବାସୀଙ୍କ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ବଢ଼ିଛି। ଅନ୍ୱେଷା ଛାତ୍ରାବାସରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ବାର୍ଷିକ ୧୧ ହଜାରରୁ ୧୭ ହଜାରକୁ ବୃଦ୍ଧି କରାଯାଇଛି। ଏସ୍‌ସି,ଏସ୍‌ଟି ବିଭାଗ ଓ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣ ପଢୁଥିବା ଅନ୍ତେବାସୀଙ୍କ ମେସ୍ ପରିଚାଳନା ଖର୍ଚ୍ଚ ଯଥା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ବଢ଼ିଛି। ଏହି ଯୋଜନାରେ ଛାତ୍ର ପିଛା ବାର୍ଷିକ ୧୧ ହଜାର ଟଙ୍କା ପରିବର୍ତ୍ତେ ୧୬ ହଜାର ଟଙ୍କା ଏବଂ ଛାତ୍ରୀଙ୍କୁ ୧୭ ହଜାର ଦିଆଯିବ। ଏହି ଛାତ୍ରବୃତ୍ତି ସଂଶୋଧନ ଦ୍ୱାରା ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ବର୍ଗର ଅନ୍ତେବାସୀ ଛାତ୍ରଛାତ୍ରୀମାନେ ଉନ୍ନତମାନର ଓ ପରିମାଣର ପୁଷ୍ଟିକର ଖାଦ୍ୟ ପାଇପାରିବେ।

### ୯ ବିଭାଗର ୧୨ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ଲଘୁଜ ଖଣି ଆବଣ୍ଟନ ପାଇଁ ଇ-ଲଟେରି

**ଭୁବନେଶ୍ୱର:** ବେଆଇନ ଖନନ ରୋକିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏଣିକି ସୈରାତ ଉତ୍ସ ଯୋଗାଣ ଓ ଲଘୁ ଖଣିଜ ପଦାର୍ଥର ଲିଜ୍ ଆବଣ୍ଟନ ପାଇଁ ଇ-ଲଟେରି ବ୍ୟବସ୍ଥା ପ୍ରଚଳନ ହୋଇଛି। ନୂତନ ବ୍ୟବସ୍ଥାରେ ଲଘୁ ଖଣିଜ ଉତ୍ସଗୁଡ଼ିକର ଆବଣ୍ଟନ ଏବଂ କାର୍ଯ୍ୟକ୍ଷମତାକୁ ତ୍ୱରାନ୍ୱିତ କରିବା ସହ ଯୋଗାଣ-ଚାହିଦା ମଧ୍ୟରେ ବ୍ୟବଧାନ ହ୍ରାସ କରିବ ଏବଂ ସୁଲଭ ମୂଲ୍ୟରେ ଯୋଗାଣ ସୁନିଶ୍ଚିତ କରିବ। ଘରୋଇ ଜମି ଏବଂ ଇଡ୍‌କୋ ଲିଜ୍‌ପ୍ରାପ୍ତ ଜମିରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ସମୟରେ ଉତ୍ତୋଳିତ ଲଘୁ ଖଣିଜର ବିନିଯୋଗ ପାଇଁ ନୂତନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏନେଇ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ-୨୦୧୬ର ସଂଶୋଧନ କରାଯାଇଛି। ସେହିପରି ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ୍ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ) ନିୟମାବଳୀ୨୦୨୫ ପ୍ରଣୟନ ହୋଇଛି। ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହା ଅନୁମୋଦନ ଲାଭ କରିଛି।

ରାଜ୍ୟ କ୍ୟାବିନେଟର ୩୦ ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।



ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କ୍ୟାବିନେଟ୍ ବୈଠକରେ ମୋଟ୍ ୯ଟି ବିଭାଗର ୧୨ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା। ତନ୍ମଧ୍ୟରେ ଗୋଟିଏ ପ୍ରସ୍ତାବ ସପ୍ତଦଶ ବିଧାନ ସଭାର ଆଗାମୀ ୫ମ ଅଧିବେଶନ ଅନୁଷ୍ଠିତ ହେବା ସମ୍ପର୍କିତ ଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ ଲଘୁ ଖଣିଜ ପଦାର୍ଥ ଉପରେ ସରକାର କେତେକ ଜରୁରୀ ନିଷ୍ପତ୍ତି ନେଇଛନ୍ତି। ବେଆଇନ୍ ଖନନ ରୋକିବା ପାଇଁ କଡ଼ା ନିୟମ ପ୍ରଣୟନ କରାଯାଇଛି। ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ-୨୦୧୬ରେ ସଂଶୋଧନ ଯୋଗୁଁ ବେଆଇନ୍ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣକୁ ପ୍ରତିରୋଧ କରିବା ସହ ସର୍ବାଧିକ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ୍ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫ ପ୍ରଣୟନ କରିଛନ୍ତି। ପ୍ରଶାସନିକ ସୁବିଧା ତଥା ଚୋରା ଚାଲାଣ ଓ ବେଆଇନ୍ ଖଣି ଖନନ ଏବଂ ଓଡ଼ିଶାରେ ଖଣିଜ ପଦାର୍ଥର ଦଖଲ, ସଂରକ୍ଷଣ, ବାଣିଜ୍ୟ ଓ ପରିବହନକୁ ନିୟନ୍ତ୍ରଣ କରିବା ଏବଂ ଏହା ସହ ଜଡ଼ିତ ଉଦ୍ଦେଶ୍ୟ ପାଇଁ ଓଡ଼ିଶା ସରକାର ଓଡ଼ିଶା ଖଣିଜ ପଦାର୍ଥ (ଚୋରି, ଚୋରା ଚାଲାଣ ଓ ବେଆଇନ ଖଣି ଖନନ ନିବାରଣ ଏବଂ ଦଖଲ, ସଂରକ୍ଷଣ, ବାଣିଜ୍ୟ ଓ ପରିବହନ ନିୟନ୍ତ୍ରଣ) ନିୟମାବଳୀ, ୨୦୦୭କୁ ଉଚ୍ଛେଦ କରାଯାଇଛି। ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫ରେ ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା'ର ବୃହତ୍ତର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଆହୁରି ସୁଗମ କରିବା ନିମନ୍ତେ ଖଣି ଲିଜଧାରୀଙ୍କୁ ଏକ ବାଧାମୁକ୍ତ ପରିବେଶ ଯୋଗାଇବାକୁ ଯୋଜନା କରାଯାଇଛି। ୨୦୦୭ ନିୟମ ତୁଳନାରେ ଦକ୍ଷ ଓ ପ୍ରଭାବଶାଳୀ ଖଣିଜ ପ୍ରଶାସନକୁ ସୁନିଶ୍ଚିତ କରିବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ନୂତନ ଖଣି ନିୟମାବଳୀରେ ବେଆଇନ୍ ଖଣି ଖନନ ରୋକିବା ଏବଂ ସମଗ୍ର ରାଜ୍ୟରେ ଖଣିଜ ପରିବହନକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ଷମ ହେବ। ଦ୍ୱିତୀୟରେ ସଂଶୋଧିତ ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ଆଇନ, ୧୯୫୭ ସହିତ ସମନ୍ୱୟ ରକ୍ଷା କରି ଏକ ବ୍ୟାପକ ଆଇନଗତ ଢାଞ୍ଚାକୁ ଦୃଷ୍ଟି ନିକ୍ଷେପ କରାଯିବାର ବ୍ୟବସ୍ଥା ହୋଇଛି। ରାଜ୍ୟରେ ଏଭଳି ଆଇନର ଆବଶ୍ୟକତା ଥିଲା ବୋଲି ଶ୍ରୀ ଆହୁଜା ପ୍ରକାଶ କରିଛନ୍ତି। ଏହି କ୍ୟାବିନେଟ୍ ନିଷ୍ପତ୍ତିକୁ ଏକ୍ସ ଜରିଆରେ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ୱାଗତ କରିଛନ୍ତି।ଅନ୍ୟପକ୍ଷରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଆଉ କିଛି ପ୍ରସ୍ତାବରେ ବି ମୋହରବାଜିଛି।

# ଦେଶବ୍ୟାପୀ ଲାଗୁହେଲା ୪ ନୂଆ ଶ୍ରମ ସଂହିତା

**ନୂଆଦିଲ୍ଲୀ:** ଭାରତ ସରକାର ନଭେମ୍ବର ୨୧ଠାରୁ ଦେଶବ୍ୟାପୀ ଏକ ନୂଆ ଶ୍ରମ ଆଇନ୍ ଲାଗୁ କରିଛନ୍ତି। ଏହି ଶ୍ରମ ଆଇନ୍ ଅନ୍ତର୍ଗତ ଚାରୋଟି ନୂଆ ଶ୍ରମ ସଂହିତା ଯଥା ମଜୁରୀ ସଂହିତା-୨୦୧୯, ଶିଳ୍ପ ସମ୍ପର୍କ ସଂହିତା-୨୦୨୦, ସାମାଜିକ ସୁରକ୍ଷା ସଂହିତା-୨୦୨୦, ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା-୨୦୨୦କୁ କାର୍ଯ୍ୟକାରୀ କରାଯାଇଛି। ଏହାକୁ ୪ ନୂଆ ଲେବର କୋଡ୍ ଭାବେ ସରକାର ଦର୍ଶାଇଛନ୍ତି। କେନ୍ଦ୍ର ସରକାରଙ୍କ ଘୋଷଣା ଅନୁସାରେ ପୂର୍ବରୁ ଦେଶରେ ପ୍ରଚଳିତ ହୋଇଆସୁଥିବା ୨୯ଟି ଶ୍ରମ ଆଇନ୍ ପ୍ରତିବଦଳରେ ଏହି ନୂଆ ଶ୍ରମ ସଂହିତା ଲାଗୁ କରାଯାଉଛି। ଏଥିରେ ପୂର୍ବ ଆଇନ୍‌ଗୁଡ଼ିକରେ ଉଦ୍ଦିଷ୍ଟ ଥିବା ସମସ୍ତ ଅତ୍ୟାବଶ୍ୟକୀୟ ଉପାଦାନଗୁଡ଼ିକୁ ଏହି ୪ ଆଇନ୍ ଅନ୍ତର୍ଗତ ଏକୀକୃତ କରାଯାଇଛି। ଶ୍ରମ ନିୟମାବଳୀର ଆଧୁନିକୀକରଣ, ଶ୍ରମିକଙ୍କ କଲ୍ୟାଣ ବୃଦ୍ଧି ଏବଂ ପରିବର୍ତ୍ତିତ କାର୍ଯ୍ୟ ଦୁନିଆ ସହିତ ଶ୍ରମ ଇକୋସିଷ୍ଟମକୁ ସମନ୍ୱିତ କରି, ଏହି ଐତିହାସିକ ପଦକ୍ଷେପ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ଏବଂ ଦୃଢ଼, ଦୀର୍ଘସ୍ଥାୟୀ ଶିଳ୍ପ ପାଇଁ ମୂଳଦୁଆ ସ୍ଥାପନ କରେ ଯାହା ଏକ ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାରକୁ ପ୍ରେରଣା ଦେବ ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି।ରିପୋର୍ଟ ଅନୁସାରେ କେନ୍ଦ୍ର ସରକାର ଏହି ୪ ନୂଆ ଶ୍ରମ ଆଇନ୍‌ରେ କର୍ମଚାରୀଙ୍କ ସର୍ବନିମ୍ନ ଦରମା, ନିଯୁକ୍ତ ପତ୍ର, ସମାନ କାମକୁ ସମାନ ଦରମା,ସାମାଜିକ ସୁରକ୍ଷା , ଓଭରଟାଇମ୍ କ୍ଷେତ୍ରରେ ଦୁଇ ଗୁଣା ଦରମା, ଫିକ୍ସ ଟର୍ମ ଗ୍ରାଚ୍ୟୁଇଟି (୧ ବର୍ଷ ପରେ ଗ୍ରାଚ୍ୟୁଇଟି ଲାଭ) ଏବଂ ଖଣି, କେମିକାଲ୍, କନଷ୍ଟ୍ରକସନ୍ ଭଳି ଅତି ବିପଦପୂର୍ଣ୍ଣ କ୍ଷେତ୍ରରେ କାମ କରୁଥିବା ଲୋକମାନଙ୍କୁ ସମ୍ପୂର୍ଣ୍ଣ ଅର୍ଥାତ୍ ୧୦୦% ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ଦେଶର ଶ୍ରମିକମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ସବୁଠାରୁ ବଡ ପଦକ୍ଷେପ ବୋଲି କୁହାଯାଉଛି। ଏହି ନୂଆ ଶ୍ରମ ଆଇନ୍ ଅନ୍ତର୍ଗତ ପ୍ରାୟ ୪୦ କୋଟି ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ୪୦ ବର୍ଷରୁ ଅଧିକ ଶ୍ରମିକମାନଙ୍କର ପାଇଁ ପ୍ରତିବର୍ଷ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ସବୁଠୁ ବଡ଼କଥା ହେଉଛି ଏହି ନୂଆ ଆଇନ୍ ଦ୍ୱାରା ନିଯୁକ୍ତିଦାତାଙ୍କ ପକ୍ଷରୁ କର୍ମଚାରୀଙ୍କ ପ୍ରତି ହେଉଥିବା ଶୋଷଣ ଅନେକାଂଶରେ ହ୍ରାସ ପାଇବ। ସେହିପରି କର୍ମଚାରୀ ଏବଂ ଶ୍ରମିକଙ୍କୁ ଠିକ୍ ସମୟରେ ଦରମା ଦେବାକୁ ନିଯୁକ୍ତିଦାତା ବାଧ୍ୟହେବେ। କୌଣସି କମ୍ପାନୀ ବା ନିଯୁକ୍ତିଦାତା ନିଜ ମନଇଚ୍ଛା ଦରମା ଦେବା କିମ୍ବା ଏହାକୁ ଅଟକାଇ ରଖିବା ଏଣିକି ସହଜ ହେବ ନାହିଁ। ସମସ୍ତ ଯୁବ ବର୍ଗଙ୍କୁ ନିଯୁକ୍ତି ପତ୍ର ଦିଆଯିବା ଅନିବାର୍ଯ୍ୟ କରାଯାଇଛି। ଚାକିରିରେ ଯୋଗଦେବା ମାତ୍ରେ କମ୍ପାନୀ ବା ନିଯୁକ୍ତିଦାତାଙ୍କ ପକ୍ଷରୁ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ଦେବାକୁ ହେବ। ମହିଳାମାନଙ୍କୁ ସମାନ କାମକୁ ସମାନ ଦରମା ଦିଆଯିବ। ଲିଙ୍ଗଗତ ଅସମାନତାକୁ ମଧ୍ୟ ଏହି ଆଇନ୍ ଅନ୍ତର୍ଗତ ସମାପ୍ତ କରାଯାଇଛି। ସେହିପରି ବାର୍ଷିକ ଛୁଟି (କାର୍ଯ୍ୟ ଦିବସ ଓ ସରକାରୀ ଛୁଟି ଦିବସ ବ୍ୟତୀତ) ଆଦି କର୍ମଚାରୀଙ୍କ ଅଧିକାରକୁ ମଧ୍ୟ ନିଯୁକ୍ତିଦାତାମାନେ ଗୁରୁତ୍ୱଦେବାକୁ ବାଧ୍ୟ ହେବେ।

## ଶ୍ରମ ସୁରକ୍ଷା ସଂହିତା ଅଧୀନରେ ଗଣମାଧ୍ୟମ କର୍ମଚାରୀ

**ନୂଆଦିଲ୍ଲୀ:** ଡିଜିଟାଲ୍ ଏବଂ ଗଣମାଧ୍ୟମ କର୍ମଚାରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏହି ନୂଆ ଶ୍ରମ ଆଇନ୍ ଅନ୍ତର୍ଗତ ଅନେକ ବ୍ୟବସ୍ଥା କରାଯାଇଛି। ଗଣମାଧ୍ୟମ କର୍ମଚାରୀ ଅର୍ଥାତ୍ ଫିଲ୍ଡ ସାମ୍ବାଦିକ, ସମ୍ପାଦନା ଟିମ, ଫ୍ରିଲାନ୍ସର ତଥା ଅନ୍ୟ ସମସ୍ତ ଗଣମାଧ୍ୟମ ସଂସ୍ଥାର କର୍ମଚାରୀମାନେ ମଧ୍ୟ ଶ୍ରମ ସୁରକ୍ଷା ପରିସରଭୁକ୍ତ ହେବେ। ଏହାର ଅର୍ଥ ହେଉଛି ଏମାନଙ୍କୁ ନିଯୁକ୍ତି ସମୟରୁ ହିଁ ନିଯୁକ୍ତି ପତ୍ର, ଇପିଏଫ୍, ଇଏସ୍‌ଆଇ ଭଳି ସୁବିଧା ସହ ଠିକ୍ ସମୟରେ ଦରମା ଦେବାକୁ ହେବ। ନିଯୁକ୍ତି ସଂସ୍ଥା ଏମାନଙ୍କ ଅଧିକାର ସହ କୌଣସି ପ୍ରକାର କାଣ୍ଟଛାଣ୍ଟ କରିପାରିବେ ନାହିଁ। ଅନ୍ୟ ସମସ୍ତ କର୍ମଚାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ଗଣମାଧ୍ୟମ କର୍ମଚାରୀଙ୍କ ପକ୍ଷେ ମଧ୍ୟ ଲାଗୁ ହେବ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଖରଗୋନ
- ମୃଷା
- ସ୍ୱେଟ୍‌ଶାର୍ଟ
- ଅଫିସ୍‌ରେ ନିଦ ଲାଗୁଥିଲେ...

# ବ୍ରାଜିଲରୁ ଜଳବାୟୁ ବାର୍ତ୍ତା

ଚଳିତ ବର୍ଷ ବ୍ରାଜିଲର ବେଲେମରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୩୦)ର ନିଷ୍କର୍ଷକୁ ବିଶ୍ୱରେ ସମସ୍ତେ ଉତ୍ସୁକତାର ସହ ଚାହିଁରହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆମ ଜୀବନ ଓ ପରିବେଶ ଉପରେ ପଡୁଛି ଏବଂ ଏହାର ଜରୁରୀ ମୁକାବିଲା କରାଯିବା ଦରକାର। ଏଭଳି ଦୃଷ୍ଟିକୋଣକୁ ସ୍ୱୀକାର କରୁଥିବା ବ୍ୟକ୍ତିଙ୍କ ପାଇଁ ଆମାଜନରେ ଆୟୋଜିତ କପ୍ ଏକ ଆଶା ସଞ୍ଚାର କରିଛି। ସେଥିପାଇଁ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି ସିଲ୍‌ଭା ଏହାକୁ 'କପ୍ ଅଫ୍ ଟ୍ରୁଥ୍' ବା 'ସତ୍ୟର କପ୍' ବୋଲି କହୁଛନ୍ତି। ଏହି ସମ୍ମିଳନୀର ସହ ପ୍ରାୟୋଜକ ଭାବେ ବ୍ରାଜିଲର ଆମାଜନ ଅଞ୍ଚଳର ମୂଳ ଅଧିବାସୀ (ବିଶେଷକରି ଆଦିବାସୀ)ମାନେ ଏବଂ ସ୍ଥାନୀୟ ସମୁଦାୟଗୁଡ଼ିକ ବାସ୍ତବରେ ଜଳବାୟୁ ବିପଦକୁ ବୁଝିଛନ୍ତି। ଆମେମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନରେ ସବୁଠୁ ଅଧିକ ପ୍ରଭାବିତ ହେଉଛୁ। ଏଣୁ ସେମାନଙ୍କ ସହ ଆମେମାନେ ମଧ୍ୟ ଜଳବାୟୁ ସମସ୍ୟାର ଦୃଢ଼ ମୁକାବିଲା କରିପାରିବା। ଉଦାହରଣ ସ୍ୱରୂପ, ମୂଳ ଅଧିବାସୀଙ୍କ ଓ ସ୍ଥାନୀୟ ସମ୍ପ୍ରଦାୟଙ୍କ ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳଗୁଡ଼ିକରେ ଅନ୍ୟ ଅଞ୍ଚଳ ତୁଳନାରେ ଜଙ୍ଗଲ କ୍ଷୟ ୫୦% କମ୍ ରହୁଛି।

ଆମ ଅଞ୍ଚଳର ସୁରକ୍ଷା ପାଇଁ ଆମେ ପ୍ରକୃତି ସହ ଜଡ଼ିତ ରହିଛୁ। ଅଙ୍ଗାରକ ଅବଶୋଷଣ ବ୍ୟବସ୍ଥା ଏବଂ ପରିସଂସ୍ଥା ସେବାଗୁଡ଼ିକର ସୁରକ୍ଷା ମଧ୍ୟ କରିଛୁ। ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ଧାର୍ଯ୍ୟ ଲକ୍ଷ୍ୟଗୁଡ଼ିକୁ ପୂରଣକରିବା ପାଇଁ ଜଳବାୟୁ ନୀତି ନିର୍ଦ୍ଧାରଣରେ ଆଦିବାସୀଙ୍କ ଯୋଗଦାନକୁ ଆମେ ସମସ୍ତେ ସ୍ୱୀକାର କରିବା ଉଚିତ। ଅର୍ଥାତ୍ ଆଞ୍ଚଳିକ ସୁରକ୍ଷା ଏବଂ ଭୂମି-ଅଧିକାର ବା ମାଲିକାନା ନୀତିଗୁଡ଼ିକୁ ସ୍ୱାଭାବିକ ଭାବେ ପ୍ରଭାବୀ ଜଳବାୟୁ ପଦକ୍ଷେପ ବୋଲି ସ୍ୱୀକାର କରିବାକୁ ହେବ। ଏସବୁକୁ ସ୍ୱୀକାର କରିବାରେ ମଧ୍ୟ ଆଉ ଏକ ସମସ୍ୟା ରହିଛି। ଐତିହାସିକ ଭାବେ ମୂଳ ଅଧିବାସୀମାନେ ଜଳବାୟୁ ଓ ପରିବେଶଗତ ପାଣ୍ଠିରୁ ସବୁଠୁ କମ୍ ସମ୍ବଳ ପାଇଛନ୍ତି। ବାସ୍ତବରେ ସଂଗୃହୀତ ପାଣ୍ଠିର ୧%ରୁ କମ୍ ଏହିସବୁ ଅଞ୍ଚଳଗୁଡ଼ିକରେ ପହଞ୍ଚିଛି, ଯାହା ପର୍ଯ୍ୟାପ୍ତ ନୁହେଁ ଏବଂ ଅନ୍ୟାୟ ମଧ୍ୟ। ସେଥିପାଇଁ ବ୍ରାଜିଲ ସରକାର ଅନ୍ୟ ଦେଶ ଓ ସ୍ଥାନୀୟ ସଂଗଠନଗୁଡ଼ିକ ସହ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ରହି କାମ କରୁଛନ୍ତି। ଏହାସହ ଯେଉଁମାନେ ଜଙ୍ଗଲ ସୁରକ୍ଷା କରୁଛନ୍ତି ସେମାନଙ୍କ ପାଇଁ କପ୍‌୩୦ କିଭଳି ଲାଭଦାୟକ ହେବ ତାହା ନିଶ୍ଚିତ କରିବା ଲାଗି ବ୍ରାଜିଲ ସରକାର ମଧ୍ୟ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି। ଏହାକୁ ବାସ୍ତବରୂପ ଦେବା ପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଇଣ୍ଟର ଗଭର୍ନମେଣ୍ଟାଲ ଲାଣ୍ଡ ଟେନ୍ୟୁର କମିଟ୍‌ମେଣ୍ଟ୍ (ଆଇଏଲ୍‌ଟିସି) ବା ଆନ୍ତଃ ସରକାରୀ ଭୂମି ଅଧିକାର ପ୍ରତିବଦ୍ଧତା। ଏହାକୁ ନଭେମ୍ବର ୬ରେ କପ୍‌୩୦ ବିଶ୍ୱ ନେତୃବର୍ଗ ସମ୍ମିଳନୀରେ ଘୋଷଣା କରାଯାଇଛି। ଏହାର ଲକ୍ଷ୍ୟ ହେଉଛି, ୨୦୩୦ ସୁଦ୍ଧା ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ଜମି ଓ କ୍ଷେତ୍ରଗୁଡ଼ିକର ଏକ ପୂର୍ବ ନିର୍ଦ୍ଧାରିତ ପରିମାଣକୁ ସ୍ୱୀକାର କରିବା ସହ ତାହାର ସୁରକ୍ଷା କରିବା। ଏଭଳି ଏକ ଐତିହାସିକ ଚୁକ୍ତି କେବଳ ମହତ୍ତ୍ୱାକାଂକ୍ଷୀ ନୁହେଁ, ବରଂ ଜମି ଅଧିକାର ଉପରେ ଏହା ହେଉଛି ପ୍ରଥମ ବୈଶ୍ୱିକ ପ୍ରତିବଦ୍ଧତା। ବ୍ରାଜିଲ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବା ପାଇଁ ୩୬ଟି ସରକାରଙ୍କ ମେଣ୍ଟ ଭାବେ ଜଣାଶୁଣା ଫରେଷ୍ଟ୍ ଆଣ୍ଡ୍ କ୍ଲାଇମେଟ୍ ଲିଡର୍ସ ପାର୍ଟନରଶିପ (ଜଙ୍ଗଲ ଓ ଜଳବାୟୁ ନେତାଙ୍କ ଭାଗୀଦାରି) ଏବଂ ୟୁରୋପୀୟ ସଂଘ ସହ କାମ କରିଛନ୍ତି। ଏହାସହ କପ୍‌୩୦ ପାଇଁ ଏକ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି ଯାହା ବୈଶ୍ୱିକ ଜଳବାୟୁ କାର୍ଯ୍ୟକ୍ରମରେ ଏକ ନିର୍ଣ୍ଣାୟକ କ୍ଷଣ ହେବାକୁ ଯାଉଛି। ତେବେ ପାଣ୍ଠି ଯୋଗାଉଥିବା ସରକାର ଏବଂ ସହାୟତା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଜମି ଅଧିକାର ତଥା ଜଙ୍ଗଲ ସୁରକ୍ଷା ଓ ବିକାଶ ସହ ଜଡ଼ିତ କାର୍ଯ୍ୟକ୍ରମ ପାଇଁ ଆସନ୍ତା ୫ ବର୍ଷରେ ଅଧିକ ୧.୭ ବିଲିୟନ ଆମେରିକୀୟ ଡଲାର ଆବଣ୍ଟନ କରିବା ସକାଶେ ଗ୍ଲାସ୍‌ଗୋ କପ୍‌୨୬ ସମ୍ମିଳନୀର ୨୦୨୧ ପ୍ରତିବଦ୍ଧତାର ନବୀକରଣ କରିବେ। ପାଣ୍ଠି ଯୋଗାଡ଼ର ମୂଳ ପ୍ରତିବଦ୍ଧତା ପ୍ରାରମ୍ଭିକ ଲକ୍ଷ୍ୟକୁ ଟପିଯାଇଛି ଏବଂ ୧.୮୬ ବିଲିୟନ ଡଲାର ଯୋଗାଡ଼ ହୋଇସାରିଲାଣି। ଏହାକୁ ନବୀକରଣକରି ସରକାରଗୁଡ଼ିକ ଏବଂ ସିଭିଲ ସୋସାଇଟି ସଙ୍କେତ ହେଉଛନ୍ତି ଯେ, ଜଳବାୟୁ ପଦକ୍ଷେପର ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ସେମାନେ ଆରମ୍ଭରୁ ଯେମିତି ପ୍ରତିବଦ୍ଧ ଥିଲେ ଏବେ ସେମିତି ରହିଛନ୍ତି। ଦେଶ ଓ ସରକାରର ମୁଖ୍ୟମାନଙ୍କ ଦ୍ୱାରା ଘୋଷଣା କରାଯିବା ପରେ ଏହିସବୁ ପ୍ରତିବଦ୍ଧତା ଓପଚାରିକ ଭାବେ କପ୍‌୩୦ ଆକ୍ସନ ଏଜେଣ୍ଡା (ପଦକ୍ଷେପ କାର୍ଯ୍ୟସୂଚୀ) ପ୍ରଦର୍ଶନ କରୁଥିବା କାର୍ଯ୍ୟକ୍ରମରେ ସ୍ୱାକ୍ଷରିତ ହୋଇଛି। ବୈଶ୍ୱିକ ସମନ୍ୱୟ ହାସଲ କରିବା ପାଇଁ ଏହା ଏକ ମୁଖ୍ୟ ବିଷୟ। ୧.୮୬ ବିଲିୟନ ଡଲାରରୁ ମାତ୍ର ୧୦% ସିଧାସଳଖ ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକୁ ଦିଆଯିବା ଲାଗି ବରାଦ କରାଯାଇଛି। କପ୍‌୩୦ ଆକ୍ସନ ଏଜେଣ୍ଡାର ସଂକଳ୍ପ ୨.୦ରେ ଏହି ପ୍ରତିଶତକୁ ଅତ୍ୟଧିକ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଯେଉଁମାନେ ସେମାନଙ୍କ ଅଞ୍ଚଳଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରୁଛନ୍ତି, ସେମାନେ ଆଞ୍ଚଳିକ ସୁରକ୍ଷା ପାଇଁ ଆବଣ୍ଟିତ ସମ୍ବଳଗୁଡ଼ିକରୁ ଅଧିକ ଭାଗ ପାଇବା ପାଇଁ ଯୋଗ୍ୟ। ଏଥିପାଇଁ ଭୂମି ମାଲିକାନା ଓ ପାଣ୍ଠି ଯୋଗାଣ ପ୍ରତିବଦ୍ଧତା ଓପଚାରିକ ଭାବେ ଆରମ୍ଭ ହୋଇଛି। ଏହିସବୁ ପ୍ରତିବଦ୍ଧତା କପ୍‌୩୦ରେ ଆରମ୍ଭ ହୋଇଥିବା ଟ୍ରପିକାଲ ଫରେଷ୍ଟ ଫର୍‌ଏଭର ଫାସିଲିଟ (ଟିଏଫ୍‌ଏଫଏଫ୍, ଯାହା ଜଙ୍ଗଲ ସଂରକ୍ଷଣ ପାଇଁ ଦୀର୍ଘମିଆଦୀ ସୂତ୍ରରେ ଅର୍ଥ ଯୋଗାଇବାର ଏକ ବୈଶ୍ୱିକ ପାଣ୍ଠି)ର ଆଧାର ଭାବେ କାମ କରିବ। ମୂଳ ଅଧିବାସୀ ଏବଂ ସ୍ଥାନୀୟ ସମୁଦାୟଗୁଡ଼ିକ ଏହି ସୁବିଧାର କାର୍ଯ୍ୟାନ୍ୱୟନ ପାଇଁ ଗ୍ୟାରେଣ୍ଟି ଦେବା ଆବଶ୍ୟକ ଯେ, ଟିଏଫ୍‌ଏଫ୍‌ଏଫ୍ ଯୋଗାଡ଼ କରିଥିବା ପାଣ୍ଠିର ଅତିକମ୍‌ରେ ୨୦% ସେମାନେ ଉପଯୋଗ କରିବେ।

ମନେରଖିବା ଦରକାର, କେବଳ ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକୁ ନୀତି ନିର୍ଦ୍ଧାରଣ ପ୍ରକିୟାରେ ସାମିଲ କରାଯିବା ଯୋଗୁ ସଫଳତା ମିଳିଛି। ମାନ୍ୟତା ପାଇଁ ଭାଗୀଦାରି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ବ୍ରାଜିଲରେ ଆମର ଏକ ମୂଳ ଅଧିବାସୀଙ୍କ ମନ୍ତ୍ରଣାଳୟ ରହିଛି। ଏଥିପାଇଁ କପ୍‌୩୦ ଆମ ନିଆର ସ୍ୱର ଓ ଦୃଷ୍ଟିକୋଣକୁ ଅଗ୍ରାଧିକାର ଦେବ। ମୋ ମନ୍ତ୍ରଣାଳୟ, ସ୍ୱଦେଶୀ ସଂଗଠନ ଓ ଅନ୍ୟ ଅଂଶୀଦାରଙ୍କ ମାଧ୍ୟମରେ ଆମେ କପ୍ ଭିଲେଜ କରି ଏଥିରେ ୩ ହଜାର ଆଦିବାସୀଙ୍କୁ ରଖାଯିବାର ବ୍ୟବସ୍ଥା କରିଛୁ। ବିଶ୍ୱର ବ୍ଲୁ ଜୋନ୍ (ଯେଉଁ ଭୌଗୋଳିକ ଅଞ୍ଚଳରେ ଲୋକେ ସୁସ୍ଥତାର ସହ ଲମ୍ବା ସମୟ ବଞ୍ଚିପାରନ୍ତି)ରେ ସବୁଠୁ ଅଧିକ ଆଦିବାସୀ ରହିଛନ୍ତି। ସ୍ୱର ଉପସ୍ଥାପନ କରିବା ଏବଂ ଭାଗୀଦାରି ପାଇଁ ଉତ୍ତମ ମଞ୍ଚ ଯୋଗାଇଦେଇ ବ୍ରାଜିଲ ସରକାର ମୂଳ ଅଧିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ପାଇଁ ଏଭଳି ଏକ ପରିବେଶ ସୃଷ୍ଟି କରିଛନ୍ତି ଯାହା କେବେ ଦେଖାଯାଇ ନ ଥିଲା କିମ୍ବା ଶୁଣାଯାଇ ନ ଥିଲା। ସବୁ ସରକାର, ପାଣ୍ଠି ଯୋଗାଉଥିବା ଏବଂ ବିକାଶ କ୍ଷେତ୍ରରେ ଜଡ଼ିତ ସଂସ୍ଥାଗୁଡ଼ିକୁ ଆଇଏଲ୍‌ଟିସିରେ ଯୋଗ ଦେବା ସହ ନବୀକୃତ ଭୂମି ଓ ଜଙ୍ଗଲ ସଂକଳ୍ପରେ ଯୋଗଦାନ କରିବା ଲାଗି ଆମନ୍ତ୍ରଣ କରିଛି। ଆମେ ସମ୍ମିଳିତ ଭାବେ କାମ କଲେ ବିଶ୍ୱ ପରିସଂସ୍ଥାର ସୁରକ୍ଷା କରିପାରିବା। ଏହା ସହ ଭୂମି ମାଲିକାନା ଏବଂ ମୂଳ ଅଧିବାସୀ ଓ ସ୍ଥାନୀୟ ଲୋକଙ୍କ ଅଧିକାର ଦୃଢ଼ ହୋଇପାରିବ। ସହନୀୟ ବିକାଶ ପାଇଁ ଆଧାର ଭାବେ ଲୋକଙ୍କ ପାଇଁ ନିବେଶ କଲେ ଏକ ନ୍ୟାୟସଙ୍ଗତ ପରିବର୍ତ୍ତନ ଆସିବା ସହ ଦୀର୍ଘମିଆଦୀ ସ୍ଥାୟୀ ଜଳବାୟୁ ଲାଭ କରିପାରିବା।

# କୂଟନୀତି ଅନ୍ତରାଳେ

ଏକ ଐତିହାସିକ ବିବରଣୀ ଉପରେ ଶ୍ରୀଅରବିନ୍ଦ କହିଥିଲେ – ବାହ୍ୟ ଦୃଷ୍ଟିର ଅନ୍ତରାଳେ ଘଟୁଥିବା ଘଟଣାବଳୀକୁ ଇତିହାସ କ୍ୱଚିତ ଲିପିବଦ୍ଧ କରିଥାଏ। ଏହା କେବଳ ପରଦାର ସାମ୍ନାରେ ଘଟିଥିବା ଘଟଣାବଳୀକୁ ଲିପିବଦ୍ଧ କରେ। ଫଳରେ ୟୁରୋପରେ ବହୁ ଲକ୍ଷ ଲୋକଙ୍କ ଉପରେ ଯୁଦ୍ଧର ବିଭୀଷିକା ଅନ୍ତରାଳେ ଘଟିଥିବା ଘଟଣା ଅଲିଖିତ ରହିଯାଇଛି। ଠିକ୍ ସେହିପରି ଆମେରିକାର ବୈଦେଶିକ ନୀତିର ସାମ୍ନାପଟକୁ ଦେଖି ଭିନ୍ନବାଦୀ ଯେଉଁ ମତ ପୋଷଣ କରୁଛନ୍ତି ତାହା କିମ୍ଭୂତକିମାକର ମନେହୁଏ। ଏବେ ବି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯୁଦ୍ଧର ମାନସିକତା ଉଗ୍ର ରୂପରେ ରହିଛି। ସେମାନଙ୍କ ମଧ୍ୟରେ ଉଚ୍ଚତର ଶକ୍ତିର ଅବତରଣ ହୋଇନାହିଁ, ଯାହା ଭାରତରେ ହୋଇଛି। ଭାରତର ବୈଦେଶିକ ନୀତିରେ ଯାହା ଘଟୁଛି ତାହା ଅନ୍ୟାନ୍ୟ ଦେଶଗୁଡ଼ିକରେ ଯଦି ସମ୍ଭବ ହୋଇପାରନ୍ତା ତେବେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କେଉଁଦିନରୁ ହୋଇସାରନ୍ତାଣି। ଭାରତର ବୈଦେଶିକ ନୀତି ପ୍ରକୃତରେ ଯାହା ତାହା କାର୍ଯ୍ୟ ଦ୍ୱାରା ଆକଳନ କରାଯାଇ ପାରିବନାହିଁ। ସମୟର ସ୍ରୋତକୁ ନେଇ ମଧ୍ୟ ଆକଳନ ହୋଇ ପାରିବନାହିଁ। ଅନ୍ତର୍ଦୃଷ୍ଟିସମ୍ପନ୍ନ ହେଲେ ତା'ର ଆକଳନ କରାଯାଇପାରିବ, ଯେଉଁଥିପାଇଁ ଭାରତର ବୈଦେଶିକ ନୀତିକୁ ଅନମନୀୟ ବୋଲି କୁହାଯାଇଛି।

ଦେଖିବାକୁ ଗଲେ ଭାରତ ବହୁ ପ୍ରତିକୂଳ ପରିସ୍ଥିତିରେ ଥାଇ ମଧ୍ୟ ବୈଦେଶିକ ନୀତିରେ ନିରପେକ୍ଷତା, ବସୁଧୈବ କୁଟୁମ୍ବକମ ନୀତିରୁ ଓହରିନାହିଁ। ସାମର୍ଥ୍ୟହୀନ ପାକିସ୍ତାନ ଯେପରି ଦୀର୍ଘ ବର୍ଷ ଧରି ଭାରତ ସହ ଶତ୍ରୁତା ଆଚରଣ କରିଆସିଛି ଏବଂ ଆତଙ୍କବାଦୀଙ୍କୁ ପାଳନ ପୋଷଣ କରି ଭାରତର କ୍ଷତି ସାଧନ କରିଚାଲିଛି, ଭାରତ ଚାହିଁଥିଲେ ତାହା କେଉଁଦିନରୁ ଶେଷ ହୋଇସାରନ୍ତାଣି। କିନ୍ତୁ ଭାରତ ଅପରେଶନ ସିନ୍ଦୂରରେ ଶକ୍ତି ପ୍ରଦର୍ଶନ କରିବା ଅର୍ଥ ପାକିସ୍ତାନ ଆତଙ୍କବାଦକୁ ଛାଡ଼ି ଠିକ୍ ବାଟକୁ ଫେରି ଆସୁ। ସେହିପରି ଅନ୍ୟତମ ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାରତର ଶରଣାପନ୍ନ। ବାଂଲାଦେଶ ବାରମ୍ବାର ତାଙ୍କୁ ଫେରାଇଦେବାକୁ ଦାବି କରୁଛି। କିନ୍ତୁ ଭାରତ ତାହା ଶୁଣୁନାହିଁ, ତାଙ୍କ ଦାବି ଅନୁସାରେ ବିନା ଚୁକ୍ତିରେ ଶରଣ ପଶିଥିବା ଜଣେ ରାଜନେତାଙ୍କୁ ବିଦାକରିଦେବା କ'ଣ ରାଷ୍ଟ୍ରୀୟ ମର୍ଯ୍ୟାଦାକୁ ଅମର୍ଯ୍ୟାଦା ଆଣିଦେବା ସହ ସମାନ ହେବ ନାହିଁ କି ? ଏଠାରେ ପ୍ରଶ୍ନ ଉଠୁଛି ପୂର୍ବ ଗଠିତ ସାର୍କ ସମ୍ମେଳନ ଶିଥିଳ ପାଲଟିଯାଇଛି। କୁଆଡ଼େ ବାଂଲାଦେଶ ଅଭିଯୋଗ ସହ ଭାରତର ଆଭିମୁଖ୍ୟକୁ ଦାୟୀ କରୁଛି। ଏହି ସଂଗଠନ ଦ୍ୱାରା ଭାରତର ଲାଭ ଯେତିକି ହୋଇଥାଆନ୍ତା ତା'ଠାରୁ ଅଧିକ ଲାଭ ହୋଇଥାଆନ୍ତା ସଦସ୍ୟ ରାଷ୍ଟ୍ରଗୁଡ଼ିକର। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପ୍ରସ୍ତାବ ଦେଇଥିଲେ ସାର୍କ ଦେଶଗୁଡ଼ିକରେ ଏକକ ମୁଦ୍ରା ପ୍ରଚଳନ କରିବାକୁ। ସେହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ପାକିସ୍ତାନ ଓ ବାଂଲାଦେଶ ଆଗ୍ରହ ପ୍ରକାଶ କଲେନାହିଁ। ଏବେ ଭାରତ, ରୁଷିଆ, ଚାଇନା ମେଣ୍ଟ ସେହି ପ୍ରସ୍ତାବକୁ କାର୍ଯ୍ୟକାରୀ ନ କଲେ ଆମେରିକାର ଶୋଷଣ ନୀତିକୁ ପ୍ରତିହତ କରିପାରିବେ ନାହିଁ ବୋଲି ସ୍ୱୀକାର କଲେଣି। ବ୍ରିକ୍ସ ସଙ୍ଗଠନ ମଧ୍ୟ ସେହି ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି। ଭାରତର ବୃହତର ଓ ଏସିଆ ମହାଦେଶୀୟ ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରୁଥିବା ବେଳେ ସାର୍କ ସଙ୍ଗଠନ ଲାଗି ସମୟ ଅପଚୟ ଓ ପରିଣାମକୁ ଦୃଷ୍ଟିଦେବା କ'ଣ ବୁଦ୍ଧିମାନର ପରିଚୟ ନୁହେଁ କି ? ଭାରତ ଏହାକୁ ନିଷ୍କ୍ରିୟ କରିନାହିଁ ବରଂ ବୃହତର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏକ ସୁଦୂରପ୍ରସାରୀ ନୂତନ ପଥ ନିର୍ମାଣକରି ଚାଲିଥିବା କୁହାଯାଇପାରେ। ପଡ଼ୋଶୀ ଦେଶ ପ୍ରତି ଭାରତ ସବୁବେଳେ ସମ୍ବେଦନଶୀଳତା ଦେଖାଇ ଆସିଛି। ୨୦୨୨ରେ ଅଗ୍ନିପଥ ଯୋଜନା ଆରମ୍ଭ ହେଲାବେଳେ ଭାରତୀୟ ଆର୍ମିରେ ନେପାଳୀମାନେ ସ୍ୱଇଚ୍ଛାରେ ଯୋଗଦେଇଥିଲେ। ସେତେବେଳେ ୨୦୧୫ର କଟକଣା ଲୋପପାଇଥିଲା। ଏହି ଯୋଜନା ଦ୍ୱାରା ବହୁ ନେପାଳୀ ଆତ୍ମନିର୍ଭରଶୀଳ ହୋଇପାରିଥିଲେ। ଗାଜା ଗଣହତ୍ୟା ବନ୍ଦ କରିବା ପାଇଁ ଭାରତ ସବୁବେଳେ ଶାନ୍ତି ପ୍ରସ୍ତାବ ଦେଇ ଆସିଛି। ଭାରତ କେତେବେଳେ କାହା ସହ କିପରି ସମ୍ପର୍କ ରକ୍ଷାକରିବ ତାହା ଐତିହାସିକ ପୃଷ୍ଠଭୂମିକୁ ନେଇ ବିଚାରବିମର୍ଶ କରିଥାଏ। କିଛିଦିନ ତଳେ ମାଳଦ୍ୱୀପ କିଛି କାରଣ ନ ଥାଇ ଭାରତ ସହ ସମ୍ପର୍କ ବିଚ୍ଛିନ୍ନ କରିବାକୁ ଚାହିଁଥିଲା। ହେଲେ ସେଠାରେ ସରକାର ପରିବର୍ତ୍ତନ ପରେ ପୁଣି ପୂର୍ବ ସମ୍ପର୍କ ସ୍ଥାପନ କରିବାକୁ ପଥ ଉନ୍ମୋଚନ କରିଛନ୍ତି। ଆଫଗାନରେ ତାଲିବାନ୍ ସରକାର ଗଠନ ବେଳେ ଭାରତ ଦୂରତ୍ୱ ବଜାୟ ରଖିଥିଲା। କିନ୍ତୁ ପରେ ଆଫଗାନ ଗଠନରେ ଭାରତର ଭୂମିକାକୁ ତାଲିବାନ୍ ସରକାର ବୁଝି ଭାରତ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିଛି। ଏବେ ପାକିସ୍ତାନକୁ ତାଲିବାନ୍ ସରକାର ଶତ୍ରୁ ରାଷ୍ଟ୍ର ଭାବେ ଦେଖୁଛି। ଇରାନ ସହ ଭାରତର ବନ୍ଧୁତ୍ୱ ଥିବା ବେଳେ ପାକିସ୍ତାନକୁ ତାହା ନିକଟତମ ବୋଲି ମନେକରେ। ସେଠାରୁ ଭାରତ ଯେଉଁ ତୈଳ ଆମଦାନୀ କରୁଥିଲା ତା'ର ପ୍ରତିବନ୍ଧକ ସାଜିଲା ପାକିସ୍ତାନ ଆଉ ଭୌଗୋଳିକ ସ୍ଥିତି। କିନ୍ତୁ ଭାରତ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଆର୍ଥିକ ସମସ୍ୟା ଯୋଗୁ ତୈଳ ଆମଦାନୀ ବନ୍ଦ କରିଥିଲା। ତେବେ ଇରାନ ସହ ବାଣିଜ୍ୟିକ କାରବାର ବନ୍ଦ ହୋଇନାହିଁ।

ଏହା ପରେ ବିଚାରକରିବା ଆମେରିକା, ଚାଇନା, ରୁଷିଆ କଥା। ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି ଯେଉଁ ଅସୂୟା ଭାବ ପ୍ରଦର୍ଶନ ପୂର୍ବକ ଟାରିଫ ବୃଦ୍ଧି କରିଛନ୍ତି ତାହା ଆମେରିକାର ସିଆଇଏ ସଂସ୍ଥାର ଅନ୍ତର୍ନିହିତ ଚାପ ଯୋଗୁ। ଭାରତର ପ୍ରଗତି, ନିରପେକ୍ଷ ବୈଦେଶିକ ନୀତି ଆମେରିକା ପାଇଁ ଅସହ୍ୟର କାରଣ ହୋଇପାରେ। ସେ ଭାରତକୁ ଯେଉଁ ଦୃଷ୍ଟିରେ ଦେଖୁ ନା କାହିଁକି, ଭାରତ ତା' ସହ ବନ୍ଧୁତ୍ୱ ରଖିପାରେ ରଖି ବି ନ ପାରେ, କିନ୍ତୁ ଭାରତ ଆମେରିକାକୁ ସିଧାସଳଖ ଶତ୍ରୁ ବୋଲି ପ୍ରକାଶ କରିବା ବୈଦେଶିକ ନୀତିର ପରିପନ୍ଥୀ।

ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଇସ୍ରାଏଲ ଭାରତକୁ ପ୍ରତିକ୍ଷେତ୍ରରେ ସହଯୋଗ କରିଆସିଛି। ମୁକ୍ତ ବାଣିଜ୍ୟିକ କ୍ଷେତ୍ରରେ ଭାରତ ସହ ବହୁ ଏସିଆନ ଓ ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ରହିଆସିଛି। ଚାଇନା ସହ ଭାରତର ଶତ୍ରୁତା ଥିବା ବେଳେ ଉଭୟ ପରସ୍ପର ନିର୍ଭରଶୀଳ। ଆରବ ରାଷ୍ଟ୍ର ସହ ଭାରତର କୌଣସି ତିକ୍ତତା ନାହିଁ। ସେମାନେ ଯଦି ଆମେରିକା ବିପକ୍ଷରେ ଗୋଷ୍ଠୀ ଗଠନ କରିବେ ତେବେ ଭାରତର କିଛି କହିବାର ନାହିଁ। ପ୍ରତ୍ୟେକ ବୈଦେଶିକ ସମ୍ପର୍କ ଓ କାରବାର ପଛରେ ଯେଉଁ ବୃହତ୍ କାରଣଗୁଡିକ ରହିଛି ତାହା ଅଛପା। ଏବେ ପାକିସ୍ତାନ ଆରବ ଗୋଷ୍ଠୀକୁ ପରମାଣୁ ଅସ୍ତ୍ର ଯୋଗାଇବ ବୋଲି ଜଣାପଡ଼ିଥିବା ବେଳେ ଏଭଳି ଗୁପ୍ତ ରାଜିନାମା ସମ୍ପର୍କରେ ଆଗରୁ ଭାରତ ଜାଣିଛି। ତା' ପରେ ଆରବ ଗୋଷ୍ଠୀ ଭାରତ ପ୍ରତି କେବେ ଅବମାନନା କରିନାହାନ୍ତି। ବିଭିନ୍ନ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତର ବୈଦେଶିକ ନୀତି ସମ୍ପର୍କରେ ସମାଲୋଚନା କରାଯିବା ପୂର୍ବରୁ ଗଭୀର ଅନୁଶୀଳନ କରାଯିବା ଏବଂ ଅନ୍ତର୍ଦୃଷ୍ଟିସମ୍ପନ୍ନ ହେବା ଆବଶ୍ୟକ।

# ଶପଥ ନେଲେ ଜୟ ଢୋଲକିଆ



**ଭୁବନେଶ୍ୱର :** ନୂଆପଡ଼ା ଉପନିର୍ବାଚନରେ ବିଜୟୀ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଧାୟକ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଜୟ ଢୋଲକିଆଙ୍କ ମା, ପତ୍ନୀଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ତେବେ ବିଧାୟକ ଜୟ ଢୋଲକିଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଯେ ଜୟ ଢୋଲକିଆଙ୍କ ପିତା ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ମୃତ୍ୟୁ ପାଇଁ ନୂଆପଡ଼ାରେ ଗତ ନଭେମ୍ବର ୧୧ରେ ଉପନିର୍ବାଚନ ହୋଇଥିଲା। ନଭେମ୍ବର ୧୪ରେ ଭୋଟ୍ ଗଣତିରେ ଜୟ ବିପୁଳ ସଂଖ୍ୟାରେ ବିଜୟୀ ହୋଇଥିଲେ। ଜୟ ମୋଟ୍ ୧,୨୩,୮୬୯ ଭୋଟ ପାଇଥିଲାବେଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦,୧୨୧ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ହେଲେ ବିଜେଡିର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ।


# ମାଟ୍ରିକ୍ ଫର୍ମପୂରଣ ଅବଧି ୨୮ ଯାଏ ବୃଦ୍ଧି

ଭୁବନେଶ୍ୱର: ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ରେଗୁଲାର ଓ ଏକ୍ସରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧି ନଭେମ୍ବର ୨୮ ତାରିଖ ଯାଏ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ଅନ୍‌ଲାଇନରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ଅଫଲାଇନ୍‌ରେ ମଧ୍ୟମା ପରୀକ୍ଷା ନିମନ୍ତେ ଫର୍ମ ପୂରଣର ଅବଧିକୁ ମଧ୍ୟ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରାଜ୍ୟର ବିଭିନ୍ନ ହାଇସ୍କୁଲ୍ ପକ୍ଷରୁ କରାଯାଇଥିବା ଅନୁରୋଧକୁ ରକ୍ଷା କରି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଅବଧି ବଢ଼ାଯାଇଥିବା ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ତେବେ ଆଉ ଫର୍ମ ପୂରଣ ଅବଧି ବଢ଼ାଯିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସୂଚନାନୁସାରେ, ଗତ ନଭେମ୍ବର ୮ ତାରିଖରୁ ବୋର୍ଡର ୱେବସାଇଟ୍ ଙଙଙ.ଭସ୍ୱରକ୍ଷ୍ୟସସ୍ୱଷବ.ବମ.ସଭରେ ପ୍ରଦତ୍ତ ଲିଙ୍କ୍ ମାଧ୍ୟମରେ ୨୪ ଘଣ୍ଟିଆ ଅନ୍‌ଲାଇନ ଫର୍ମପୂରଣ କରାଯାଉଛି। ୨୨ ତାରିଖ ରାତି ୧୧.୪୫ ମିନିଟ ପର୍ଯ୍ୟନ୍ତ ଏହି ଫର୍ମ ପୂରଣର ଅନ୍ତିମ ଅବଧି ରହିଥିଲା। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ମଧ୍ୟ ଫର୍ମ ପୂରଣ ଚାଲିଛି। ମାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ ଅଫଲାଇନ ମାଧ୍ୟମରେ ନଭେମ୍ବର ୧୨ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସଂସ୍କୃତ ଟୋଲ୍‌ର ହେଡ୍ ପଣ୍ଡିତମାନେ ଫର୍ମ ପୂରଣ କରି ବୋର୍ଡର ଶାଖା କାର୍ଯ୍ୟାଳୟରେ ଦାଖଲ କରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନୀତୀଶ

ପାଟନା : ବିହାର ରାଜନୀତିର ଭୀଷ୍ମପିତାମହ ଭାବେ ପରିଚିତ ୭୪ ବର୍ଷୀୟ ନୀତୀଶ କୁମାର ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନୀତୀଶଙ୍କ ସହ ବିଜେପି ନେତା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନୀତୀଶଙ୍କ ସହ ତାଙ୍କ ନୂଆ କ୍ୟାବିନେଟ୍‌ରେ ସାମିଲ ହୋଇଥିବା ଅନ୍ୟ ୨୬ ଜଣ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍, ନୀତୀଶ ଏବଂ ଉପମୁଖ୍ୟମନ୍ତ୍ରୀ ଦ୍ୱୟଙ୍କ ସହ ମନ୍ତ୍ରୀମାନଙ୍କୁ ସେମାନଙ୍କ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ୨୬ ମନ୍ତ୍ରୀମାନଙ୍କ ମଧ୍ୟରେ ବିଜେପିରୁ ୧୪ ଜଣ ଥିବା ବେଳେ, ଜେଡିୟୁରୁ ୮ ଜଣ, ଏଲ୍‌ଜେପି (ଆର୍)ରୁ ୨ ଜଣ ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ହାମ୍) ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍)ରୁ ଜଣେ ଲେଖାଏ ସାମିଲ ଅଛନ୍ତି।

ନୀତୀଶଙ୍କ ନୂଆ କ୍ୟାବିନେଟ୍‌ରେ ଜଣେ ମୁସଲିମ୍ ନେତାଙ୍କ ସହ ୩ ମହିଳା ନେତ୍ରୀ (ଲେସି ସିଂହ, ରମା ନିଷାଦ୍ ଓ ଶ୍ରେୟସୀ ସିଂହ) ମଧ୍ୟ ସାମିଲ ହୋଇଛନ୍ତି। ନୂଆ କ୍ୟାବିନେଟ୍‌ରେ ନୀତୀଶ ଜମା ଖାନ୍‌ଙ୍କୁ ପୁଣିଥରେ ମନ୍ତ୍ରୀ ଭାବେ ସାମିଲ କରିଛନ୍ତି। ସବୁଠୁ ବଡ଼କଥା ହେଉଛି ନୀତୀଶଙ୍କ କ୍ୟାବିନେଟ୍‌ରେ ୧୩ ନୂଆ ମୁହଁଙ୍କୁ ସୁଯୋଗ ମିଳିଛି। ରାମକ୍ରିପାଲ ଯାଦବ ଏବଂ ଶ୍ରେୟସୀ ସିଂହଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇଛି। ଚିରାଗଙ୍କ ଦଳର ଦୁଇଜଣ ବିଧାୟକଙ୍କୁ ମନ୍ତ୍ରୀ କରାଯାଇଛି, ଯେଉଁଥିରେ ସଞ୍ଜୟ ସିଂହ ମଧ୍ୟ ସାମିଲ ଅଛନ୍ତି। ସଞ୍ଜୟ ସିଂହ ମହୁଆରୁ ନିର୍ବାଚନ ଜିତିଥିଲେ। ସେ ଲାଲୁ ଯାଦବଙ୍କ ପୁଅ ତେଜ ପ୍ରତାପଙ୍କୁ ପରାସ୍ତ କରିଥିଲେ। ତେବେ ଆର୍‌ଏଲ୍‌ଏମ୍ ମୁଖ୍ୟ ଉପେନ୍ଦ୍ର କୁଶୱାହାଙ୍କ ପୁଅ ଦୀପକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ ମଧ୍ୟ ସେ ଆଜି ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ନୂଆ ସରକାରରେ ଜାତିଭିତ୍ତିକ ସନ୍ତୁଳନ ଦେଖିବାକୁ ମିଳିଛି। ନୂଆ କ୍ୟାବିନେଟ୍‌ରେ ସର୍ବାଧିକ ପାଞ୍ଚ ଦଳିତ ସମ୍ପ୍ରଦାୟର ନେତାଙ୍କୁ ମନ୍ତ୍ରୀ ଭାବେ ସାମିଲ କରାଯାଇଛି। ସେହିପରି



କ୍ୟାବିନେଟ୍ ୪ ରାଜପୁତ, ୩ ବୈଶ୍ୟ, ୨ ନିଷାଦ, ୨ କୁର୍ମି, ୩ କୁଶୱାହା, ୨ ଯାଦବ, ୨ ସାହାଣୀ, ୨ ଭୂମିହାର ଏବଂ ବ୍ରାହ୍ମଣ, କାୟସ୍ଥ ଏବଂ ଚନ୍ଦ୍ରବଂଶୀ ସମ୍ପ୍ରଦାୟର ପ୍ରତ୍ୟେକ ଜଣେ ଅଛନ୍ତି। ମୁସଲିମ ବର୍ଗରୁ ଏକମାତ୍ର ନେତା ଭାବେ ଜମା ଖାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ପାଟନା ସ୍ଥିତ ଗାନ୍ଧୀ ମୈଦାନରେ ଅନୁଷ୍ଠିତ ଏହି ଶପଥ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କ ସମେତ ଅନେକ ବରିଷ୍ଠ କେନ୍ଦ୍ରୀୟ ବିଜେପି ନେତା ଏବଂ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ। ଶପଥ ସମାରୋହ ପରେ ପରେ ମୋଦୀ ମଞ୍ଚ ଉପରୁ ବିହାରବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୋଦୀ ଆଜି ଦିନରେ ନିଜ ପ୍ରତିଶ୍ରୁତିକୁ ଦୋହରାଇଥିଲେ ଏବଂ କହିଥିଲେ ବିହାରରେ ଡବଲ୍ ଇଞ୍ଜିନ୍ ସରକାର ବିକାଶର ପ୍ରବାହକୁ ଅକ୍ଷୁଣ୍ଣ ରଖିବ। ଅନୁଭବୀ ନୀତୀଶଙ୍କ ଦୂରଦୃଷ୍ଟି ସହ କେନ୍ଦ୍ର ସରକାରଙ୍କ ରୋଡ୍‌ମ୍ୟାପ୍ ବିହାରକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବା ଦିଗରେ ଆଗକୁ ନେବ।

# 'ଗାମୁଛା' ହଲାଇ ଧନ୍ୟବାଦ୍ ଦେଲେ ପ୍ରଧାନମନ୍ତ୍ରୀ

ଶପଥ ଗ୍ରହଣ ଉତ୍ସବ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସିଗ୍ନେଚର ଷ୍ଟାଇଲ ତଥା ବିହାରୀ ଅନ୍ଦାଜରେ 'ଗାମୁଛା' ହଲାଇ ବିହାରର ଲୋକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯେଉଁ ଗାମୁଛାକୁ ନେଇ ବିହାରବାସୀଙ୍କ ସ୍ୱତନ୍ତ୍ର ପରିଚୟ ରହିଛି, ତା ମାଧ୍ୟମରେ ବିହାରବାସୀଙ୍କ ସହ ଯୋଡ଼ି ହୋଇଛନ୍ତି ପ୍ରଧାନମନ୍ତ୍ରୀ। ମୁଜାଫରପୁରରେ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ବିହାର ସ୍ୱାଭିମାନର ପ୍ରତୀକ ଗାମୁଛା ଉଡ଼ାଇ ଭୋଟରଙ୍କ ସହ ଯୋଡ଼ି ହୋଇଥିଲେ। ଏହାପରେ ଏନଡିଏର ବିପୁଳ ବିଜୟ ପରେ ନୂଆଦିଲ୍ଲୀରେ ଆୟୋଜିତ ବିଜୟ ସମାବେଶରେ ମଧ୍ୟ ପ୍ରଧାନମନ୍ତ୍ରୀ ଗାମୁଛା ଉଡ଼ାଇ ସେଲିବ୍ରେସନ କରିଥିଲେ।



## ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଦ୍ୱାରା ବିଲ୍ ମଞ୍ଜୁରୀରେ ବିଳମ୍ବ ପ୍ରସଙ୍ଗ

# କୌଣସି ଧାର୍ଯ୍ୟ ସମୟସୀମା ନାହିଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ବିଲ୍ ମଞ୍ଜୁରୀ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଦେଇଛନ୍ତି। ସୁପ୍ରିମକୋର୍ଟ ନିଜ ରାୟରେ କହିଛନ୍ତି ଯେ ବିଲ୍‌ଗୁଡ଼ିକୁ ଅନୁମୋଦନ କରିବା ପାଇଁ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ଉପରେ କୌଣସି ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ। ପ୍ରଧାନବିଚାରପତି (ସିଜେଆଇ) ଜଷ୍ଟିସ୍ ବିଆର ଗଭାଇଙ୍କ ନେତୃତ୍ୱାଧୀନ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଜୋର ଦେଇ କହିଛନ୍ତି ଯେ, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ କାର୍ଯ୍ୟ "ବିଚାର ଯୋଗ୍ୟ ନୁହେଁ।" ଅର୍ଥାତ୍ କୌଣସି ବିଲ୍ ଆଇନରେ ପରିଣତ ହେବା ପରେ ହିଁ ନ୍ୟାୟିକ ସମୀକ୍ଷା କରାଯାଇପାରିବ। ତେବେ ସୁପ୍ରିମକୋର୍ଟଙ୍କ ଆଜିର ଏହି ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ପାଇଁ ଏକ ବଡ଼ ବିଜୟ ବୋଲି ଧରାଯାଉଛି। ସୁପ୍ରିମକୋର୍ଟଙ୍କ ଏହି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଭାରତର ରାଷ୍ଟ୍ରପତି ଏବଂ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହୀତ ଆଇନ୍‌କୁ ମଞ୍ଜୁର କରିବା ସମୟରେ ସମୟସୀମା ଦ୍ୱାରା ଆବଦ୍ଧ ନୁହଁନ୍ତି। ଏମାନଙ୍କ ଉପରେ ସମୟସୀମା ଲାଗୁ କରିବା ସମ୍ବିଧାନ ବିରୋଧୀ। କୌଣସି ବିଲ୍‌କୁ ମଞ୍ଜୁର କରିବା ପାଇଁ ସମୟ ନେବା ସେମାନଙ୍କ କ୍ଷମତା ଏବଂ ଅଧିକାର ପରିସରଭୁକ୍ତ। ନିଷ୍ପତ୍ତି ନେବାରେ ବିଳମ୍ବ ହେଲେ କୌଣସି ସମସ୍ୟା ନାହିଁ କିନ୍ତୁ ଅଧିକ ବିଳମ୍ବ ହେଲେ ନ୍ୟାୟପାଳିକା ପ୍ରଶ୍ନ କରିବାକୁ ବାଧ୍ୟହେବେ। ଏହି ଅବସରରେ ତାମିଲନାଡୁ ରାଜ୍ୟପାଳଙ୍କ ମାମଲାରେ ପୂର୍ବରୁ ଦୁଇ ଜଣିଆ ଖଣ୍ଡପୀଠଙ୍କ ଦ୍ୱାରା 'ସମ୍ମତି ପ୍ରାପ୍ତ ବୋଲି ଧରାଯିବା' ନେଇ ଦିଆଯାଇଥିବା ରାୟକୁ ମଧ୍ୟ ସୁପ୍ରିମକୋର୍ଟଙ୍କ ଆଜିର ଏହି ୫ଜଣିଆ ଖଣ୍ଡପୀଠ ଖାରଜ କରିଛନ୍ତି। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସମ୍ବିଧାନର ଧାରା ୨୦୦ ଅନୁଯାୟୀ ବିଲ୍ ମଞ୍ଜୁର କରିବା କିମ୍ବା ଫେରାଇବା ପାଇଁ ରାଜ୍ୟପାଳଙ୍କ ପାଇଁ ସମୟସୀମା ସ୍ଥିର କରାଯାଇପାରିବ ନାହିଁ।

# କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ପାଇଁ ୪୧.୧୭ କୋଟି

**ଭୁବନେଶ୍ୱର:** କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଋତୁକାଳୀନ କର୍ମଚାରୀଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏକ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ୨୦୨୪ ଫସଲ ବର୍ଷ ଏବଂ ୨୦୨୫-୨୬ ଅର୍ଥବର୍ଷ ପାଇଁ ମୋଟ୍ ୪୧.୧୭ କୋଟି ଟଙ୍କା ବିତରଣ କରାଯାଇଛି। ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ଏହି ପ୍ୟାକେଜ୍ ଘୋଷଣା କରିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବୃହତ୍ ସହାୟତା ଭାବେ ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୫୯,୭୨୭ ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ସୁବିଧା ପାଇଁ ଚପଲ ଜଣ ପିଛା ୧୬୦, କେରି ବହନକାରୀ କପଡ଼ା ଜଣ ପିଛା ୨୦୦ ଏବଂ ହେଡ୍ କ୍ୟାପ୍ ଏକକ ପିଛା ୧୦୦ ହିସାବରେ ମୋଟ୍ ୩୯ କୋଟି ୫୪ ଲକ୍ଷ ୭୪,୪୨୦ ଟଙ୍କା ଜମା କରାଯାଇଛି। ଏହା କେନ୍ଦୁପତ୍ର ତୋଳାଳିଙ୍କ ଶ୍ରମ ଏବଂ ମୂଲ୍ୟବାନ ଅବଦାନ ପ୍ରତି ରାଜ୍ୟ ସରକାରଙ୍କ ଗଭୀର ସମ୍ମାନର ପ୍ରତୀକ। ଅନ୍ୟପକ୍ଷରେ ୧୮୭୬୮ ଜଣ ବନ୍ଧାଳିଙ୍କୁ କମ୍ବଳ ଓ ମଶାରି ପାଇଁ ୟୁନିଟ୍ ପିଛା ୭୦୦ ଟଙ୍କା ହିସାବରେ ୧ କୋଟି ୩୧ ଲକ୍ଷ ୩୭,୬୦୦ ଟଙ୍କା ପ୍ରଦାନ କରାଯାଇଛି। ୧୬୨୩୭ ଜଣ ଋତୁକାଳୀନ କର୍ମଚାରୀଙ୍କୁ ୟୁନିଟ୍ ପିଛା ୧୦୦ ଟଙ୍କା ହାରରେ ୧୬ ଲକ୍ଷ ୨୩,୭୦୦ ଟଙ୍କା ବି ପ୍ରଦାନ କରାଯାଇଛି। ପ୍ୟାକେଜ୍ ପ୍ରସଙ୍ଗରେଜଙ୍ଗଲ ଓ ପରିବେଶ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି ଯେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯୋଜନାଗୁଡ଼ିକ ନିର୍ଣ୍ଣାୟକ ଭୂମିକା ନେଇଛି। ଏହି ବୃହତ୍ କଲ୍ୟାଣ ପ୍ୟାକେଜ୍ ରାଜ୍ୟର କେନ୍ଦୁପତ୍ର ଆଧାରିତ ଶ୍ରମଜୀବୀଙ୍କ ସୁଯୋଗ-ସୁବିଧା, ସୁରକ୍ଷା ଏବଂ ସାମାଜିକ ସମ୍ମାନକୁ ନୂତନ ଉଚ୍ଚତାକୁ ନେଇଯାଉଛି। ସରକାରଙ୍କ ଏହି ପ୍ରୟାସ ସେମାନଙ୍କ ଜୀବିକାକୁ ସମୃଦ୍ଧ ବନାଇବା ସହିତ ସମାଜର ଦୃଢ଼ ଅର୍ଥନୈତିକ ଭିତ୍ତି ଗଢ଼ିବାରେ ସହାୟକ ହେବ।

## ଶୀତ ସଞ୍ଜରେ କବି ସମ୍ମିଳନୀ

ଶୀତ ଭାରି ମଜା ଦିଏ
ଶୀତ ଦେଖାଏ ସ୍ୱପ୍ନ
ଶୀତ ଡେଇଁ ପଡ଼େ ବସ୍ତିରେ
ଶୀତ ଖେଳିଯାଏ ଗାଁରେ
ଶୀତ ଲୁଚିଯାଏ ଚିରା କମ୍ବଳ ଭିତରେ
ଶୀତ ଥରୁଥାଏ ଫୁଟ୍‌ପାଥ୍‌ରେ
ଠେକା ଭିଡ଼ି ବସିଥିବା ଶ୍ରମିକର ଫୁଙ୍ଗୁଳା ଦେହରେ।
ଶୀତ ପାଇଁ ଚାଖଣା ସହ
ବୋତଲ ଟେକା ହୁଏ ଅଦୃଶ୍ୟ ଖଟିରେ।
କାହାର ପାଦ ନାଚିଉଠେ ବାର୍‌ରେ।
ଶୀତ ପଶିଯାଏ କୋହଲା ପାଗ ଭିତରେ
ପଇଁତରା ମାରେ ମାଟି ଚାଳ ଘରେ
ଟଙ୍କିକିଆ ଚାଉଳ ରାନ୍ଧୁଥିବା
ଭୋକିଲା ପେଟରେ ।
ଶୀତରେ କାହାର ପାଦ ଟଳମଳ
ପିକ୍‌ନିକ୍ ସ୍ପଟ୍‌ରେ
ଶୀତ କବିତାଟି ଯୋଡ଼ିହୁଏ ଅନେକ ଶବ୍ଦରେ
ଡେଇଁ ପଡ଼େ କାଗଜ ପେଟରେ
କବି ସମ୍ମିଳନୀ ଆରମ୍ଭ ହୁଏ ବିଳମ୍ବରେ
ଶେଷ ହୁଏ ବିଭିନ୍ନ ଢଙ୍ଗରେ
ଶୀତୁଆ ସଞ୍ଜରେ
ଚା କଫିର ଗରମ ଢୋକରେ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

## ମାଣବସା ଗୁରୁବାର

ମାର୍ଗଶିର ମାସ ମାଣବସା ଗୁରୁବାର
ଓଷାବ୍ରତ ଅଟେ ଏହା ମହାଲକ୍ଷ୍ମୀଙ୍କର।
ଓଡ଼ିଶାର ଘରେ ଘରେ ଅତି ପରିଚିତ
ବ୍ରାହ୍ମଣଠାରୁ ଚଣ୍ଡାଳ କରିଥାନ୍ତି ବ୍ରତ।
ରାତି ପାହାନ୍ତରୁ ଘର ଲିପାପୋଛା କରି
ଝୋଟିଚିତା ଦେଇଥାନ୍ତି ଲକ୍ଷ୍ମୀପାଦ ପରି।
ଖଟୁଲିରେ ଲକ୍ଷ୍ମୀହାତୀ ଦିଅନ୍ତି ବସାଇ
ଅତି ଯତନରେ ଧାନକେରା ଗୁନ୍ଥି ଦେଇ।
ଶରଧାରେ ଦେଇଥାନ୍ତି ନୂଆଁ ଧାନ ସେରେ
କଳସୀରେ ଶୋଭାପାଏ ଆମ୍ବଡାଳ କେରେ।
ଦୁବ ବଅଁର ପତର ଧୂପ ପୁଷ୍ପ ଦେଇ
ନୂଆଁ ଅରୁଆ ଚାଉଳେ ପୁଞ୍ଜି ଦେଇଥାଇ।
ଛେନା ପୁରେ କରିଥାନ୍ତି ମଣ୍ଡା ଓ କାକରା
ମହମହ ବାସୁଥାଏ ଘର ଚଉତରା।
ଘରେ ଘରେ ଶୁଭୁଥାଏ ଶଙ୍ଖ ହୁଳହୁଳି
ମହାହରଷରେ ଗ୍ରାମ ପଡ଼ଇ ଉଚ୍ଛୁଳି।
ଶୁଭ୍ରବସ୍ତ୍ର ପିନ୍ଧି ପାଦେ ଅଳତା ଲଗାଇ
କୁଳ ଭୂଆସୁଣୀ ପୂଜେ ଭକ୍ତିଭାବ ନେଇ।
ଲକ୍ଷ୍ମୀ ପୁରାଣକୁ ପଢ଼େ ମନ ଧ୍ୟାନ ଦେଇ
ବ୍ରତ ପିନ୍ଧିଥାଏ କରେ ସାତ ଗଣ୍ଠି ଦେଇ।
ମାର୍ଗଶିର ମାସ ଅଟେ ଲକ୍ଷ୍ମୀଙ୍କର ମାସ
ସୃଷ୍ଟି ରଚନାରେ ଏହା ପ୍ରଥମ ଯେ ମାସ।
କୃଷି ପର୍ବ ଭାବେ ଏହା ଶାସ୍ତ୍ରରେ ନିହିତ
ଜଗନ୍ନାଥ ବିଧାନରେ ସବୁଠି ବିଦିତ।
ଛୁଆଁ ଅଛୁଆଁ ଭାବକୁ କରିଥାଏ ଦୂର
ଅହଂକାର ଦୂର କରେ ନାରୀ ପୁରୁଷର।
ସୁଖ ଶାନ୍ତି ଭରିଯାଏ ପରିବାର ପାଇଁ
ମାଣବସା ଗୁରୁବାର ଧନ ଧାନ୍ୟ ପାଇଁ।

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ଼



# ଜୀବନ ଜିନ୍ଦାବାଦ୍

**ଡକ୍ଟର ମୌସୁମୀ ପରିଡ଼ା**

ମଇଁଷି ଛୁଆଟା ମୁହଁରେ ତୁଣ୍ଡି ବାନ୍ଧି ନଥିଲ ବୋଲି ନଈକୁ ଗଲା ବେଳେ ପଦିଆ ଶାଗ ପଟାଳିରେ ଟିକେ କଣ ମୁହଁ ମାରିଲା ଯେ ତା ବୋହୂର ଯୋଉ ଝଗଡ଼ା ଦେଖିବ କ'ଣ ! ତମକୁ କେତେ କହିବି ? ଆଉ କ'ଣ ବୟସ ଅଛି ଏ ଧନ୍ଦା ମେଲେଇବାକୁ ? ଏସବୁ ବିକି ବ୍ୟାଙ୍କରେ ଫିକ୍ସ କରିଦିଅ। ଦେଶୀ ଗାଈଟେ ଆଣିଲେ ବୁଢ଼ାବୁଢ଼ୀ ଦିହେଁ ଭଲରେ ଚଳିଯିବା।

ଚଉଷଠି ବର୍ଷୀୟା ସୁଲୋଚନା ପଞ୍ଚଷଠି ବର୍ଷୀୟ ସ୍ୱାମୀ ପୀତବାସ ଉପରେ ରାଗରେ ଗରଗର ହେଲା। ପୀତବାସ ଚିହିଁକି ଉଠିଲା – ଆଲୋ ବୁଢ଼ାବୁଢ଼ୀ କିଏ ? ମୁଁ ତ ଏବେ ବି କୋଡ଼ିଏ ବର୍ଷର ଯୁଆନ। ଚାରି ଜଣିଆ ମଇଁଷି ପଲଙ୍କୁ ନେଇ ଆଣି ଥୋଇ ପାରୁଛି। ଖରା ବର୍ଷା ଶୀତକୁ ଖାତିର କରିଛି ନା କେବେ ତତେ ଅଭିଯୋଗ କରିଛି ? ଯେବେ ପାରିବନି ଦେଖାଯିବ। ବଳ ହଟିଲେ ଆପେ ଛୋଟେଇ ଯିବ ମୋ ସଂସାର। ତା ପୂର୍ବରୁ ନୁହଁ। କେବେ କେମିତି ଘାସ କୁଟା ପକାଉଚୁ କି ନାହିଁ ତେବେ ବି ଛୁଆଙ୍କ ଉପରେ ସବୁବେଳେ ଖରାପ ନଜର ? ତୁ ମାଆଟେ ପରା ?

ସୁଲୋଚନା ମନରେ ନିଆଁ ଲାଗିଗଲା। ଆଖିରେ ରକ୍ତ ଚରିଗଲା। ହଁ ମାଆଟେ ବୋଲି ତ ଭୟ। ସମୟ, ପରିସ୍ଥିତି ଓ ମାନସିକତାକୁ। ଏକଥା ତା' ଛଡ଼ା କିଏ ବୁଝିବ ? ପୀତବାସ ବୁଢ଼ା ହେଇଗଲା ସିନା ତା' ଭିତରର ମନ କଣ ଚଡ଼କି ଉଠିଲା ? ପିଲା ଦୁହେଁ ମୁଣ୍ଡକୁ ହାତ ପାଇଲାରୁ ରାଜ୍ୟ ବାହାରେ ଦାଦନ ଖଟିବାକୁ ରହିଗଲେ। ବୁଢ଼ାବୁଢ଼ୀଙ୍କ ଖବର ବୁଝିଲେନି। ଗାଁକୁ ଆସିଲେ ବାପାମାଆଙ୍କ ସେବା ଯତ୍ନ ଖୋଜିବେ ସିନା କୁଟା ଖଣ୍ଡକୁ ଦି ଖଣ୍ଡ କରିବେନି। ଆମର ବା କେତେ ବଳ ? ମଣିଷ ପିଲା ହୋଇ ତ ଚାହିଲେ ନାହିଁ। ପଶୁ ଛୁଆ କଣ ସେବା ଯତ୍ନ କରିବେ ବୁଢ଼ା ବୟସରେ ? ହେଲେ ଏ ବୁଢାଟା କ'ଣ ବୁଝିବ ? ଖରାରେ ଶିଝି କଳା କାଠ ପଡ଼ିଲାଣି, ତେବେ ବି ମୋହ ଯାଉନି। ସୁଲୋଚନା ବେଲାଏ ପଖାଳ ସହିତ ଶାଗ ଭଜା ଆଉ ବାଇଗଣ ଭର୍ତା ରଖି ଦେଇ ଢେର୍ ବର୍ଷିଲା। ପୀତବାସ ରାଗରେ ନ ଖାଇ ଖଡ଼ କାଟିବାକୁ ବାହାରକୁ ଚାଲି ଆସିଲା। ମଇଁଷିମାନଙ୍କୁ ତୋରାଣି ପିଆଇଲା। ସେମାନଙ୍କୁ ବହେ ଆଉଁଷି ପକାଇଲା। ଦେହରୁ ପଙ୍କ କାଦୁଅ ଘଷି ସଫା କରିବା ଭିତରେ ତା' ଭିତରେ ବାପାଟେ ଜାଗି ଉଠିଲା।

ଘରେ ନ ପଶୁଣୁ ବୁଢ଼ୀଟା ଅଶାନ୍ତି। ବର୍ଷ ଦୁଇଟାରେ ମଇଁଷି ତିନିଟା ଅଜଣା ରୋଗରେ ଚାଲିଗଲେ। ବୁଢ଼ୀ ଓଲଟା କହିଲା – ଭଲ ହେଲା। ଲୋଭରେ ତ ବିକ୍ରି କରୁନାହଁ। ଏତେଜଣଙ୍କୁ କଣ ନେଇ ଆଣି ଥୋଇ ପାରିଥାନ୍ତ ? ସେ କୋଉଠୁ ଜାଣିବ ମଇଁଷି ଥିବା ଲୋକେ ଲକ୍ଷପତି ବୋଲି। ମୂର୍ଖ ସ୍ତ୍ରୀ ଲୋକଟା, ଯା ସହ ସଂସାର କରିବା ଅର୍ଥ ଦୁର୍ଗମ ଗିରପଥ ଅତିକ୍ରମ କରିବା। କେତେ ବର୍ଷ ଏମିତି ଅଙ୍ଗାରକୁ ଧୋଇବାରେ ନଷ୍ଟ ହେଇଗଲା ସେ ହିସାବ ପୀତବାସ ରଖିନି। ହେଲେ ଜୀବନ ଜିନ୍ଦାବାଦ ଭାବି ଚାଲିଛି କାହାକୁ ଖାତିର ନକରି।

ସୁଲୋଚନା ଡାକ ଦେଲା ଖାଇବାକୁ। ପୀତବାସ ନ ଶୁଣିବାରୁ ପଦାକୁ ଆସି କହିଲା – ହେଇଟି ଆଜିଯାଏଁ ତମ ପାଖେ ନେହୁରା ହେଇ ଥକିଲି। ରାଗ ଅଭିମାନ କ'ଣ ଆଉ ଏ ଜନ୍ତୁଙ୍କ ଉପରେ କରିବି ? ମୋର ବୋଲି ଅଛି କିଏ ? ହେଲେ ତମେ କୋଉଠୁ ବୁଝିବ ? ଏ ମଇଁଷିଙ୍କ ଉପରେ ଯେତିକି ଲୋଭ ସେତିକି ଭଲା ନିଜ ଭାରିଯା ଉପରେ ରଖିଥାନ୍ତ।

ଆଖି ଛଳଛଳ କଲା ସୁଲୋଚନା। ପୀତବାସ ମଇଁଷିଙ୍କ ଛଟା ସାରି ଯାଇ ଖାଇ ବସିଲା। ବର୍ଷାରେ ବେଶ୍ ଭିଜିଛନ୍ତି ଆଉ ଦୁଇ ଦିନ ପାଇଁ ସେମାନଙ୍କୁ ନଈକୁ ନ ନେଲେ ଚଳିବ। ସୁଲୋଚନାର ଲୁହରେ ତା' ଭିତରର ଝଡ଼ ଥମିଯାଇଥିଲା। ଖାଇ ସାରି ପଦାକୁ ଆସିଲା ପୀତବାସ। ମାସେ ତଳେ ଜନ୍ମିଥିବା ଛୁଆଟା ତା' ମାଆ ପାଖକୁ ଯିବାକୁ ବ୍ୟାକୁଳ। ହେଲେ ଏତେ ଚୁଲବୁଲିଆ ଯେ ପଘାରୁ ଫିଟେଇ ଦେଲେ ଏଣେତେଣେ ଧାଇଁବ। ପୁଣି ନୂଆ ଅଭିଯୋଗ ଆସିବ, ପାଖ ପଡୋଶୀ ଆଉ ସୁଲୋଚନା ପାଖରୁ। ତେଣୁ ସେ ନିଜେ ଯାଇ ପଘା ଫିଟେଇ ତା' ମାଆ ପାଖକୁ ନେଲା। ମାଆ ବି ହେଣ୍ଟାଳୁ ଥିଲା, ଛୁଆଟା ଦେହରେ ଘଷି ହେଇ କ୍ଷୀର ପିଇଲା ବେଳକୁ ଚୁପ୍ ପଡ଼ିଯାଇଥିଲା ତା' ମାଆ। ପଶୁ ହେଲେ ବି ମାଆ ଜାତିର ଅନୁଭବ ସମାନ ଏକଥା ହେଜୁ ଥିଲା ସେ। ସୁଲୋଚନା ବି ତ ଏମିତି ତା ପିଲାଙ୍କୁ କେବେ କେମିତି ଖୋଜୁଥିବ।

ଏପଟସେପଟ କାମରେ ସନ୍ଧ୍ୟା ହୋଇଯାଇଥିଲା କିନ୍ତୁ ସୁଲୋଚନାର ପାଟି ଶୁଭୁ ନ ଥିଲା। ଅଭିମାନ କରିଥିବ ନିଶ୍ଚେ। ଗୋବର କୁଟା ନଡ଼ା ସଫା କରି ସାରି ଭିତରକୁ ଗଲା ପୀତବାସ। ଏଯାଏଁ ଉଠିନି ସୁଲୋଚନା ସନ୍ଧ୍ୟା ଦେବାକୁ। ପୀତବାସ ଜାଣିଛି – ହୁଏତ କାନ୍ଦି କାନ୍ଦି ଶୋଇପଡ଼ିଥିବ। ହଠାତ୍ ଦେଖିଲା ସେ – ଦୁଆର ମୁହଁରେ ପଡ଼ିଥିଲା ସୁଲୋଚନା, ମୁଣ୍ଡରୁ ଧାର ଧାର ରକ୍ତ ଝରୁଥିଲା। ପାଟିରେ ପିଲାଙ୍କ ନାଁ– ସୁରିଆରେ... ! ଜଗୁଆରେ... । ପୀତବାସର ବୁଦ୍ଧି ହଜିଗଲା।

ଡାକ୍ତରଖାନା ବେଡ୍ ଉପରେ ଅଚେତ୍ ପ୍ରାୟ ସୁଲୋଚନା। ବ୍ରେନ୍ ଅପରେସନ୍ ପରେ ଧୀରେ ଧୀରେ ସୁସ୍ଥ ହେଉଛି ସେ। ପାଖ ପଡ଼ୋଶୀଙ୍କ ସାହାରାରେ ସ୍ଥିତି ସୁଧୁରୁଛି। ପୀତବାସ କେତେବେଳେ ତା' ସିଠୁଆ ପାଦ ପୁଣି କେବେ ତା' ହାଡୁଆ ଦେହକୁ ଆଉଁଷି ଚାଲିଛି ମନେନାହିଁ। ସୁଲୋଚନା ସୁସ୍ଥ ହେଉ, ଗାଳି କରୁ, ରାଗିକି ନିଜ ଭାଗ୍ୟକୁ ଦୋଷ ଦେଉ କିନ୍ତୁ ଥାଉ ତା' ଆଖି ଆଗରେ। ଅନ୍ୟମନସ୍କ ସୁଲୋଚନା ହସ୍ପିଟାଲ୍ ବେଡ୍‌ର ଫ୍ୟାନ୍‌କୁ ଚାହିଥିଲା। ପୀତବାସ ତାକୁ ଆସ୍ତେ କିନା ବସେଇ ଦେଇ କହିଲା – ଆଜି ଘରକୁ ଯିବା। ସୁଲୋଚନା ବଲବଲ କରି ଚାହିଁଲା ଖାଲି। ଲାଗୁଥିଲା ସେ ବହୁତ ଦିନରୁ ଯେମିତି ଶୋଇ ପଡ଼ିଥିଲା।

ଗାଡ଼ିରୁ ଓହ୍ଲାଇ ପଚାରିଲା – ଏ କ'ଣ ଆମ ଘର ? ପୀତବାସ ଉତ୍ତର ଦେଲା – ହଁ। ମଇଁଷି ସବୁ କାହାନ୍ତି ? ବିକିଦେଲି – କହିଲା ପୀତବାସ। ସୁଲୋଚନା ବ୍ୟସ୍ତ ସ୍ୱରରେ ପଚାରିଲା – କାହିଁ ?

ତୁ ଚିଡୁଥିଲୁ ପରା। ହେଲେ କହିରଖୁଛି ସେମାନେ ମଣିଷ ଛୁଆଙ୍କଠୁ ଢେର୍ ଭଲ। ତୋ ବ୍ରେନ୍ ଅପରେସନ୍ ପାଇଁ ଦୁଇଟା ମଇଁଷି ବିକିଲି। ପରେ ଭାବିଲି ସତରେ ଆଉ ଏମାନଙ୍କୁ ନେଇ ଆଣି ଥୋଇପାରୁନି। ଏଇ ମାସକ ଭିତରେ ବାକିମାନଙ୍କୁ ବିକି ନିଶ୍ଚିନ୍ତ ହୋଇଗଲି। ଏମିତିରେ ତୋ ଦେହପା' ସହିତ ଏମାନଙ୍କ କାମ କୋଉଠୁ ପାରିଥାଆନ୍ତି ? ପର ଲୋକ କେତେଦିନ ଘର ସମ୍ଭାଳିବେ ? ତଥାପି ବନ୍ଧୁବାନ୍ଧବଙ୍କ ସାହାଯ୍ୟ ବହୁତ୍। ଅପରେସନ୍ ପାଇଁ ଟଙ୍କା ଦେବାକୁ ସିନା ତୋ ପିଲାଏ ମନା କଲେ। ହେଲେ ମୋ ଛୁଆ ମନା କଲେ ନାହିଁ। ଖାଲି ପର ହାତକୁ ଗଲାବେଳେ ପଛକୁ ଅନେଇ ରଡ଼ି କରୁ। କେତେ କ'ଣ ଅଭିଯୋଗ ବାଢୁଥିଲେ। ମୁଁ ବିଚରା ମଣିଷ କ'ଣ କରିପାରିଥାନ୍ତି ?

ସୁଲୋଚନାକୁ ଶୂନ୍ୟ ଲାଗୁଥିଲା ଦାଣ୍ଡ। ଖାଁ ଖାଁ ଲାଗୁଥିଲା ଘରଦ୍ୱାର। ଆଗ ପରି ପୀତବାସ ପାଇଁ କିଛି ଅଭିଯୋଗ ନଥିଲା ତାର। କିନ୍ତୁ ସୁରିଆ, ଜଗୁଆ ବଦଳରେ ମନେ ପଡୁଥିଲେ ମଇଁଷିମାନେ। ଏମିତି କେତେ କାଳ ବିତିଗଲା। ପୀତବାସ ତା' କାନ ପାଖରେ ଆସ୍ତେ କହିଲା – ସୁଲୁ, ଦେଖିଲୁ। ଦାଣ୍ଡ ବାରଣ୍ଡାରେ କାନ୍ଥକୁ ଆଉଜି ଢୁଳେଇ ପଡ଼ିଥିବା ସୁଲୋଚନା ଦେଖୁଥିଲା – ଖୁଣ୍ଟରେ ଧଳା ଗାଈଟେ ବନ୍ଧା ହୋଇଛି। ତା' ମଥାରେ ଚାନ୍ଦ। ପୀତବାସ ପଚାରିଲା – ତୋ ମନ ମାନିଲା ତ ଏଥର ? କାଇଁ କେଜାଣି ସୁଲୋଚନାର ମଉଳା ମୁହଁରେ ଦପ୍ କିନା ହସର ଫୁଲ ଝରିଟେ ଫୁଟି ଉଠିଲା। ତା' ପାଟିରୁ ବାହାରି ପଡ଼ିଲା ଡାକଟିଏ– ଚାନ୍ଦ।

ଜଗତସିଂହପୁର



# ପ୍ରକୃତ ବାନ୍ଧବୀ

**ଗୌରାଙ୍ଗ ପଟେଲ**

ଗୋଟିଏ ଦେଶୀ ପାଉଚ, ପାଞ୍ଚ ଟଙ୍କିଆ ମିକ୍ସଚର ପକେଟ, ଗୋଟେ ପାଣି ପାଉଚ ଆଉ ଗୋଟିଏ ଡିସ୍ପୋଜେବଲ୍ ଗ୍ଲାସ। ସହଜ ସୁଲଭ ତାରିକାରେ ମଦପିଆ।

ଦିନକୁ କେତେଥର କେଜାଣି କିନ୍ତୁ ଯେତେବେଳେ ଦେଖିଲେ ସେନକା ଆଗ ପଛହେଇ ଢଳି ଢଳି ଚାଲୁଥାଏ। ଘର ପରିବାରର ହାଲ ତାର ଦାୟିତ୍ୱ ସେ ଜାଣେନା। କେତେବେଳେ ଗୀତ ଗାଉଥିବ ତ କେତେବେଳେ ତା ପତ୍ନୀ ଝରାକୁ ଅପ୍ରୀତିକର ଗାଳି କରୁଥିବ।

କି ଦିନ କି ସନ୍ଧ୍ୟା, ପାହାଡ଼ ତଳ ସାହିଟାକୁ ଯେତେବେଳେ ଯାଏ ଗୋଟେ ଦୁଇଟା ମଦ୍ୟପ ନମୁନା ସାଙ୍ଗରେ ଦେଖାହେବ ନିଶ୍ଚୟ।

ଝରା ପ୍ରାୟ ଅସୁସ୍ଥ ରହୁଥିଲା। ମାତାଲ ସେନକା ଓ ଅସୁସ୍ଥ ଝରା। ଦି'ଟା ଦିଅର, ଶାଶୁ, ଶ୍ୱଶୁର ତା' ଉପରକୁ ଝରାର ଦେଢ଼ ବର୍ଷର ପୁଅଟିଏ।

ବିଧିର ବିଡ଼ମ୍ବନା, ଝରାର ଜୁଆନ ସ୍ୱାମୀଟା ଚାଲିଗଲା। ଝରାର ଦହଗଞ୍ଜ କହିଲେ ନସରେ। ସ୍ୱାମୀ ଥିଲାବେଳେ ଝଗଡ଼ାଝାଟି ହେଉଥିଲା। କିନ୍ତୁ ଝରା ଉପରେ ଆକ୍ଷେପ ସେତିକି ପଡୁନଥିଲା। ଏବେ କିନ୍ତୁ ତା' ନିତିଦିନିଆ ଜୀବନ ଦୁର୍ବିସହ ହୋଇପଡ଼ିଛି। ସେ ଅଲକ୍ଷଣୀ, ପୁଅକୁ ଖାଇଗଲା, ଏମିତି କେତେ କଣ ଲାଞ୍ଛନା ତା' ଉପରେ କଷାଘାତ ହେଲା। ସହିପାରିଲାନି ସେ। ଦିନେ ଝରାର ବାପା ଆସି ତାକୁ ଡାକିନେଇଗଲେ। ଦୁଃଖରେ ହେଉ ପଛେ ଝରା ଏବେ ତା' ବାପଘରେ ସୁରକ୍ଷିତ ଅଛି।

ସେଇ ଗାଁରେ ଜମିଦାର ଘରର ଝିଅ ପ୍ରିୟା। ଏଇ ହାଲରେ ଘରକୁ ଆସିଥିଲା ମା', ବାପା ସାଙ୍ଗରେ ଦେଖା କରିବାପାଇଁ କାରଣ ଅଳ୍ପଦିନ ପରେ ସ୍ୱାମୀ ଭାନୁଙ୍କର ଆସିବାର ଅଛି। ତା' ପରେ ଦିଲ୍ଲୀ ଚାଲିଯିବେ। ମା'ଠୁ ପ୍ରିୟା ଜାଣିପାରିଲା ତା' ପିଲାଦିନର ସାଙ୍ଗ ଝରା, କେମିତି ଦୁଃଖରେ ଅଛି। ପ୍ରିୟା ଓ ଝରା ଏକାସାଙ୍ଗରେ ପଢୁଥିଲେ। ଝରାର ବାପା ପ୍ରିୟାଘରେ ଗୋତି ଶ୍ରମିକ ଭାବେ କାମ କରୁଥିଲେ। ଖୁବ ବିଶ୍ୱାସୀ ଏବଂ ପରିଶ୍ରମୀ।

ମାଟ୍ରିକ ଫେଲ ହେବାପରେ ଝରା ଆଉ ଚେଷ୍ଟା କରିନି ପାଠ ପାଇଁ। ଜଣେ କଣ୍ଟ୍ରାକ୍ଟର୍ ର ମଜୁରିଆ ଦଳରେ ମିଶି ନିତି କାମକରେ। ସେତେବେଳୁ ସେନକା ସହ ତାର ଘନିଷ୍ଠତା କ୍ରମେ ଲଭ ମ୍ୟାରେଜ୍‌ରେ ପରିଣତ ହେଲା।

ପ୍ରିୟା ବି. ଏସସି. , ବି. ଏଡ.। ବାହା ପରେ ସ୍ୱାମୀ ସହ ଦିଲ୍ଲୀରେ ରହିଲା। ସେଠି ସିଏ ଚାକିରୀ କରେ ଓ ତା' ସ୍ୱାମୀ ଚନ୍ଦ୍ରଭାନୁ ଦିଲ୍ଲୀ ୟୁନିଭର୍ସିଟିରେ ପ୍ରଫେସର୍।

ପ୍ରିୟା ମନରେ ଉଦ୍‌ବେଳନ ସୃଷ୍ଟି କରିଥିଲା ଝରା ପ୍ରତି ସମୟ ଚକ୍ରର ପ୍ରଭାବ ସବୁ। ସେ ମନସ୍ଥ କଲା, ଝରା ଓ ତା' ପୁଅକୁ ସାଙ୍ଗରେ ଦିଲ୍ଲୀ ନେଇଯିବା ପାଇଁ। ବାପାମା'ଙ୍କୁ ପ୍ରିୟା ତା ମନକଥା ଖୋଲି କହିଲା। ଝିଅର ଅନୁକମ୍ପା ପାଇଁ ପ୍ରିୟାକୁ ତା ବାପା ମା ଆଶୀର୍ବାଦ ଦେଲେ।

ଯେତେବେଳେ ପ୍ରିୟା ଓ ତା ବାପା ଯାଇ ଝରାର ଘରେ ଦିଲ୍ଲୀ ଯିବାର ପ୍ରସ୍ତାବଟା ଦେଲେ, ଝରା ନିର୍ବାକ୍ ହୋଇ ସବୁ ଶୁଣୁଥିଲା।

ଝରା ଘରେ ରାଜି ହେଲେ। ପ୍ରିୟା କଥାଟା ଭାନୁକୁ ଜଣାଇଲା। ସମ୍ମତି ବି ମିଳିଗଲା। ଆଗକୁ ଠିକ ରହିବ, ପ୍ରିୟା ମନେ ମନେ ଭାବୁଥିଲା। ତା' ପୁଅ ପ୍ରଥମକୁ ଗୋଟିଏ ସାଙ୍ଗ ମିଳିଯିବ। ଦେଖା ରେଖା କରିବା ପାଇଁ ଝରା ତ ରହିବହିଁ। ପ୍ରିୟା ସପରିବାର ଦିଲ୍ଲୀ ପହଞ୍ଚିଗଲା ଝରା ଓ ତା ପୁଅ ମୋହିତକୁ ସାଙ୍ଗରେ ନେଇ।

ପ୍ରଥମ ଓ ମୋହିତ ଉଭୟେ ଦୁଇ ତିନି ମାସର ସାନ ବଡ ହେବେ। ଭାଇ ଭାଇ ପରିକା ଲାଗୁଛନ୍ତି। ଜମି ଯାଇଛନ୍ତି। ସାଙ୍ଗରେ ଉଠିବା ବସିବା ଖାଇବା ପିଇବା। ପ୍ରିୟା ଓ ଭାନୁ କର୍ମମୟ ଜୀବନରେ ବ୍ୟସ୍ତ। ଝରା ଘର କାମ ସବୁ ସମ୍ଭାଳି ନେଉଛି। କେମିତି ବର୍ଷଟିଏ ବିତିଗଲା ଜଣାପଡିଲାନି।

ଅଚାନକ ଦିନେ ଝରା ସିରିଅସ ହୋଇଗଲା। ପ୍ରିୟା ତାକୁ ବଡ଼ ହସ୍ପିଟାଲରେ ଦେଖାଇଲା। ଟେଷ୍ଟ ପରେ ଜଣାପଡିଲା ଝରାର ଲିଭର ଖରାପ ହେଇ ହେଇ ଆସୁଛି। ଅଳ୍ପ ଦିନର ଅତିଥି ସିଏ। ପ୍ରିୟା କୋହ ସମ୍ଭାଳି ପାରୁନଥାଏ। ଝରା ଠଉରାଇ ନେଲା। ସେ ପ୍ରିୟାକୁ କହିଲା, ଆଲୋ ଏଟା ମୋ ପୁରୁଣା ରୋଗପରା !

ଦିନେ ଝରା ପ୍ରିୟା କୁ ନେହୁରା ହୋଇ କହିଲା, ପ୍ରିୟା "ମୋ ପୁଅକୁ ପାଇଲୁ" !

ପ୍ରିୟା ଝରାକୁ ଜାବୁଡି ଧରି କାନ୍ଦିଲା। ଝରା ଆଖିରୁ ଅନର୍ଗଳ ଅଶ୍ରୁର ଧାରା ବହି ଚାଲିଥାଏ।

କିଛିଦିନ ପରେ ଝରା ଆଖି ବୁଜିଦେଲା। ପିଲା ଦିନର ସାଙ୍ଗକୁ ହରେଇ ଦୁଃଖିତ ହେଲା ପ୍ରିୟା କିନ୍ତୁ ତାର ଶେଷ ସନ୍ତକ ପୁଅକୁ ସେଇଦିନୁ ନିଜର କରିନେଇ ପ୍ରକୃତ ବାନ୍ଧବୀର ପରିଚୟ ଦେଲା।

*ଲଙ୍କାହୁଡା, ସୁନ୍ଦରଗଡ଼*

# ସ୍ୱେଟ୍‌ଶାର୍ଟ





**ଥଣ୍ଡାରେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ସ୍ୱେଟ୍‌ଶାର୍ଟ ଏକ ଭଲ ଅପ୍ସନ ହୋଇପାରେ। କାରଣ ଏହାକୁ ପିନ୍ଧିଲେ ଉଭୟ ଶାର୍ଟ ଓ ସ୍ୱେଟର୍‌ର ଲୁକ୍ ମିଳେ। ଆକର୍ଷଣୀୟ ଲୁକ୍ ସାଙ୍ଗକୁ ଏହାକୁ ପିନ୍ଧି ଶୀତରୁ ରକ୍ଷା ମିଳୁଥିବାରୁ ଏହାର ଚାହିଦା ବି ଶୀତଦିନେ ବେଶ୍ ରହିଥାଏ ...**

ଶୀତଦିନେ ଥଣ୍ଡାରୁ ରକ୍ଷା ପାଇବା ସଙ୍ଗେସଙ୍ଗେ ଷ୍ଟାଇଲିଶ୍ ଲୁକ୍ ପାଇଁ ଯୁବତୀମାନେ ଆଉଟ୍‌ଫିଟ୍‌କୁ ନେଇ ଅନେକ ପ୍ରକାରର ଏକ୍ସପେରିମେଣ୍ଟ କରିଥାନ୍ତି। ଏମିତିରେ ଯଦି କଥା ସ୍ୱେଟ୍‌ଶାର୍ଟର ଉଠେ, ତା'ହେଲେ ଶୀତଦିନ ପାଇଁ ଏହାଠୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ। କାରଣ ଏହାକୁ ପିନ୍ଧିଲେ ଉଭୟ ଶାର୍ଟ ଓ ସ୍ୱେଟର୍‌ର ଲୁକ୍ ମିଳେ; ଯାହା ଖୁବ୍ ସୁନ୍ଦର ଦେଖାଯାଇଥାଏ। ଖାସ୍ କଥା ହେଉଛି କୁଆଡ଼େ ବୁଲିଯିବାର ଥିଲେ ଯେକୌଣସି ଆକର୍ଷଣୀୟ ବଟମ୍ ୱେର୍ ସାଙ୍ଗକୁ କେବଳ ଏହି ସ୍ୱେଟ୍‌ଶାର୍ଟ ପିନ୍ଧି ଖୁବ୍ ଶୀଘ୍ର ନିଜକୁ ପ୍ରସ୍ତୁତ କରିହୁଏ। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ସ୍ୱେଟ୍‌ଶାର୍ଟ ସମ୍ପର୍କରେ ...

* ହୁଡି: ସ୍ୱେଟ୍‌ଶାର୍ଟର ବିଭିନ୍ନ ଅପ୍ସନ ଭିତରୁ ହୁଡି ସବୁଠୁ ଟ୍ରେଣ୍ଡି ଲାଗିଥାଏ। ସେଥିପାଇଁ ପୁଅ ହୁଅନ୍ତୁ କି ଝିଅ, ଶୀତଦିନେ ସମସ୍ତଙ୍କର ଏହା ପସନ୍ଦ ହୋଇଥାଏ। ହାଲୁକା ଶୀତରେ ପିନ୍ଧିବା ପାଇଁ ଏହା ଏକ ଭଲ ଅପ୍ସନ ହୋଇପାରେ। ହୁଡି ସାଙ୍ଗକୁ ପେୟାର୍ କରି ଜିନ୍ସ ହେଉ ସ୍କର୍ଟ ଆରାମରେ ପିନ୍ଧା ଯାଇପାରେ।

* ଜିପର୍ଡ ସ୍ୱେଟ୍‌ଶାର୍ଟ: ଏହାକୁ କେହି କେହି ଜିପର୍ଡ ହୁଡି ବୋଲି ବି କହିଥାନ୍ତି। କାରଣ ଏହି ସ୍ୱେଟ୍‌ଶାର୍ଟର ଡିଜାଇନ୍ ପ୍ରାୟତଃ ହୁଡି ଭଳି ଦେଖାଯାଇଥାଏ। କିନ୍ତୁ ଏଥିରେ ଜିପ୍ ଲାଗିଥିବା ଯୋଗୁ ଏହାକୁ ଜିପର୍ଡ ହୁଡ଼ି ବୋଲି କୁହାଯାଏ। ଶୀତଦିନେ ସ୍ପୋର୍ଟିଂ ଲୁକ୍ ପାଇଁ ମଧ୍ୟ ଏହାକୁ ଟ୍ରାଏ କରାଯାଇପାରେ।



* କ୍ରିଉନେକ୍ ସ୍ୱେଟ୍‌ଶାର୍ଟ: ସବୁଠୁ ସିମ୍ପଲ ସ୍ୱେଟ୍‌ଶାର୍ଟ ଭାବେ ଏହାକୁ ବିବେଚନା କରାଯାଏ; ଯାହାକୁ ହାଲୁକା ଶୀତରେ ବେଶ୍ ଆରାମରେ କ୍ୟାରି କରିହୁଏ। ସାଧାରଣତଃ ଏହି ସ୍ୱେଟ୍‌ଶାର୍ଟ ଟିକେ ଢିଲା ଢାଲା ଡିଜାଇନ୍‌ରେ ଆସିଥାଏ; ଯାହାକୁ ପିନ୍ଧି କାଜୁଆଲ୍ ଲୁକ୍ ପାଇହୁଏ। ଏହା ଉଭୟ ଫୁଲ୍ ସ୍ଲିଭ୍, ଶର୍ଟ ସ୍ଲିଭ୍ ଏବଂ ସ୍ଲିଭ୍ ଲେସ୍‌ରେ ବି ଉପଲବ୍ଧ ହୋଇଥାଏ।

* ପୁଲ୍ ଓଭର: ଏହା ବି ପ୍ରାୟତଃ ହୁଡ଼ି ଭଳି ହିଁ ଦେଖାଯାଇଥାଏ, କିନ୍ତୁ ଏଥିରେ କୌଣସି ଚେନ୍ କି ବଟନ୍ ଲାଗି ନଥାଏ। ଶୀତଦିନେ କାଜୁଆଲ୍ ସିମ୍ପଲ୍ ଲୁକ୍ ପାଇଁ ଏହାକୁ ଟି-ଶାର୍ଟ ଉପରେ ପିନ୍ଧାଯାଇପାରେ।

* ଆଥଲେଟିକ୍ ସ୍ୱେଟ୍‌ଶାର୍ଟ: ଯେଉଁ ଯୁବତୀମାନେ ଶୀତଦିନେ ଆକ୍ଟିଭ୍ ଲାଇଫ୍ ଷ୍ଟାଇଲ୍‌କୁ ଫଲୋ କରିବା ସହ ପ୍ରତ୍ୟହ ଏରୋବିକ୍ସ ଏକ୍ସରସାଇଜ୍ ପାଇଁ ଯାଉଥିବେ, ସେମାନଙ୍କ ପାଇଁ ଏହି ଟାଇପ୍‌ର ସ୍ୱେଟ୍‌ଶାର୍ଟ ଏକ ଭଲ ଅପ୍ସନ ହୋଇପାରେ।

* ନିଟେଡ୍ ସ୍ୱେଟ୍‌ଶାର୍ଟ: ନିଟେଡ୍ ସ୍ୱେଟ୍‌ଶାର୍ଟକୁ ଜିନ୍ସ ସହ କମ୍ବାଇନ୍ କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ଏହାକୁ ପିନ୍ଧିଲେ ବି ଉଭୟ ଶାର୍ଟ ଓ ସ୍ୱେଟର୍‌ର ଲୁକ୍ ମିଳେ। ଏହାକୁ ଲଙ୍ଗ୍ ସ୍କର୍ଟ ସହ ମଧ୍ୟ ଟ୍ରାଏ କରାଯାଇପାରେ।

ଏହାଛଡ଼ା ଟର୍ଟଲ ନେକ୍ ସ୍ୱେଟ୍‌ଶାର୍ଟ ଏବଂ ମକ୍ ନେକ୍ ସ୍ୱେଟ୍‌ଶାର୍ଟକୁ ବି ହାଲ୍‌କା ଶୀତରେ ପିନ୍ଧିବା ପାଇଁ ଅପ୍ସନ ଭାବେ ବଛାଯାଇପାରେ।





## ଅଫିସ୍‌ରେ ନିଦ ଲାଗୁଥିଲେ...

***ଗାଧୋଇବାକୁ ଭୁଲନ୍ତୁ ନାହିଁ:*** ଯେତେ ବ୍ୟସ୍ତ ଥିଲେ କିମ୍ବା ଶୀଘ୍ର ଅଫିସ୍ ଯିବାକୁ ପଡ଼ିଲେ ମଧ୍ୟ ନ ଗାଧୋଇ ଅଫିସ୍ ଯାଆନ୍ତୁ ନାହିଁ।

***ପାଣି ବୋତଲ ପାଖରେ ରଖନ୍ତୁ:*** ଅଫିସ୍‌ରେ କାମ କରିବାବେଳେ ସବୁବେଳେ ଏକ ପାଣି ବୋତଲ ପାଖରେ ରଖନ୍ତୁ। ମଝିରେ ମଝିରେ ପାଣି ପିଅନ୍ତୁ। ଯାହାଫଳରେ ନିଦ ଛାଡ଼ିଯିବା ସହ ଶରୀରକୁ ଶକ୍ତି ମଧ୍ୟ ମିଳିଯିବ।

***ସ୍ୱାସ୍ଥ୍ୟକର ଜଳଖିଆ ଖାଆନ୍ତୁ:*** ସକାଳ ଜଳଖିଆରେ ତେଲଛଣା ଖାଦ୍ୟ ଖାଆନ୍ତୁ ନାହିଁ। ସକାଳୁ ଏମିତି କିଛି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଖାଇବା ଦ୍ୱାରା ପେଟ ଭାରି ଲାଗିବ। ସକାଳୁ ସ୍ୱାସ୍ଥ୍ୟକର ଜଳଖିଆ ଖାଆନ୍ତୁ।

***ଜ୍ୟାକେଟ୍ ପିନ୍ଧି ବସନ୍ତୁ ନାହିଁ:*** ଉଷୁମ ଲାଗିଲେ ନିଦ ଆସିପାରେ। ତେଣୁ ଚେୟାରରେ ବସିବା ପୂର୍ବରୁ ଜ୍ୟାକେଟ୍ ବାହାର କରି ଦିଅନ୍ତୁ।

***ନୋଟ୍‌ସ ଲେଖନ୍ତୁ:*** ଦୀର୍ଘ ସମୟ ପାଇଁ ମିଟିଂରେ ବସୁଥିଲେ, ନୋଟ୍‌ସ ଲେଖନ୍ତୁ। ଏପରି କରିବା ଦ୍ୱାରା ନିଦ ଲାଗି ନ ଥାଏ।

***ଚିୱିଙ୍ଗମ ଚୋବାନ୍ତୁ:*** ଅଫିସ୍‌ରେ କାମ କରିବାବେଳେ ନିଦ ଆସିଲେ ଚିୱିଙ୍ଗମ ଚୋବାନ୍ତୁ କିମ୍ବା ଚକୋଲେଟ୍ ଖାଆନ୍ତୁ।

***ଚେୟାର ଛାଡ଼ି କିଛି ସମୟ ବୁଲନ୍ତୁ:*** ଅଫିସ୍‌ରେ କାମ କରିବାବେଳେ ନିଦ କିମ୍ବା ଅଳସ ଲାଗିଲେ, ଚେୟାରରୁ ଉଠି ଯାଆନ୍ତୁ। ୱାଶ୍‌ରୁମ୍ ଯାଆନ୍ତୁ କିମ୍ବା ଅଫିସ୍‌ରେ ଏକ ଚକ୍କର କାଟନ୍ତୁ।

***ଠିକ୍ ଢଙ୍ଗରେ ବସନ୍ତୁ:*** ଯଦି ଆପଣ ରିଲାକ୍ସ ମୋଡ୍‌ରେ ଚେୟାରରେ ବସିଛନ୍ତି, ତେବେ ପିଠି ସିଧାକରି ବସନ୍ତୁ। ନିଦ ଦୂର ହୋଇଯିବ।

***ଆକ୍ୟୁପ୍ରେସର ଟ୍ରିକ୍ ଆପଣାନ୍ତୁ:*** କାନକୁ ହାଲୁକା ଭାବେ ଟାଣିବା ଫଳରେ ନିଦ ଛାଡ଼ି ଯାଇଥାଏ। ଟ୍ରାଏ କରି ଦେଖନ୍ତୁ।

# ଗବେଷଣାରେ ମୂଷାଙ୍କୁ ବ୍ୟବହାର କରାଯାଏ କାହିଁକି



**ପ୍ରାୟ ସମସ୍ତେ ଜାଣନ୍ତି ଯେ, ବୈଜ୍ଞାନିକମାନେ ତିଆରି କରୁଥିବା ନୂଆ ଔଷଧକୁ ମଣିଷ ଉପରେ ପ୍ରୟୋଗ କରିବା ପୂର୍ବରୁ ପ୍ରଥମେ ତାକୁ ମୂଷା ଉପରେ ପ୍ରୟୋଗ କରନ୍ତି। ତେବେ ଜାଣନ୍ତି କି ଏଭଳି କାହିଁକି କରାଯାଏ ? ଜାଣନ୍ତୁ ସେ ସମ୍ପର୍କରେ...**

ଚଳଚ୍ଚିତ୍ରରେ ଦେଖିଥିବେ ମଣିଷଙ୍କ ପାଇଁ ତିଆରି କରାଯାଉଥିବା କୌଣସି ଔଷଧର ପରୀକ୍ଷଣ ସିଧାସଳଖ ମଣିଷ ଉପରେ ନ କରାଯାଇ ମୂଷା ଉପରେ କରାଯାଇଥାଏ। ତେବେ ଜାଣନ୍ତିକି ଚଳଚ୍ଚିତ୍ରରେ ଦେଖାଯାଉଥିବା ଏହି ଦୃଶ୍ୟ ଆଦୌ କାଳ୍ପନିକ ନୁହେଁ। ବାସ୍ତବରେ ସେମିତି ହୋଇଥାଏ।

ଏମିତି ଦେଖିଲେ ମଣିଷ ଓ ମୂଷା ଭିନ୍ନ ଭିନ୍ନ। ଜୈବିକ ଭାବେ ମଧ୍ୟ ମଣିଷ ଓ ମୂଷା ମଧ୍ୟରେ କୌଣସି ସମାନତା ନାହିଁ। ତେବେ ଗୋଟିଏ କଥା ଯାହା ଦୁହିଁଙ୍କୁ ଏକ କରେ ତାହା ହେଉଛି ସେମାନଙ୍କ ଡିଏନ୍ଏ। ମୂଷାର ପ୍ରାୟ ୮୦% ଜିନ୍ ମଣିଷ ସହ ମିଶେ। ଆମେରିକାର ଫାଉଣ୍ଡେଶନ ଫର୍ ବାୟୋମେଡିକାଲ ରିସର୍ଚ୍ଚ ଅନୁଯାୟୀ ମଣିଷ ଓ ଲାବ୍‌ରେ ବ୍ୟବହାର ହେଉଥିବା ମୂଷାଙ୍କ ଜିନ୍ ପ୍ରାୟତଃ ଏକାପରି। ସରଳ ଭାଷାରେ କହିବାକୁଗଲେ ମୂଷା ଓ ମଣିଷର ଶରୀରରେ ହେଉଥିବା ଅନେକ ଜୈବିକ ପ୍ରକ୍ରିୟା ଏକାପରି। ଯେମିତି କି ମଣିଷ ଓ ମୂଷାର ଇମ୍ୟୁନ୍ ସିଷ୍ଟମ୍, ମସ୍ତିଷ୍କର ଗଠନ, ହର୍ମୋନାଲ ସିଷ୍ଟମ୍ ଓ ଅର୍ଗାନ ଫଙ୍କ୍‌ସନ୍ ପ୍ରାୟତଃ ସମାନ ହୋଇଥାଏ। ସେଥିପାଇଁ ମଣିଷ ଉପରେ ଗବେଷଣା କରିବା ପୂର୍ବରୁ ମୂଷା ଉପରେ ଏକ୍ସପେରିମେଣ୍ଟ କରାଯାଏ। ଯଦ୍ୱାରା କି ବୈଜ୍ଞାନିକଙ୍କୁ ଜଣାପଡ଼ିବ ଔଷଧର ପ୍ରଭାବ ମଣିଷ ଉପରେ କ'ଣ ପଡ଼ିପାରେ। ଏହାବାଦ ଲାବ୍‌ର ପ୍ରାଣୀ, ଖାସ୍‌କରି ମୂଷାଙ୍କୁ ଗବେଷଣା ଲାଗି ହିଁ ଜନ୍ମ କରାଯାଇଥାଏ।





ଲାବ୍‌ରେ ବ୍ୟବହାର କରାଯାଉଥିବା ଅଧିକାଂଶ ମୂଷା ଯାହାକୁ ମେଡିକାଲ ଟ୍ରାଏଲରେ ବ୍ୟବହାର କରାଯାଏ ତାହା ଇନବ୍ରେଡ୍ ହୋଇଥାନ୍ତି, ଯାହାଦ୍ୱାରା ମେଡିକାଲ ଟ୍ରାଏଲ୍‌ର ଫଳାଫଳ ଏକାପରି ଆସେ। ତା'ଛଡ଼ା ମୂଷାମାନେ ଜେନେଟିକାଲି, ବାୟୋଲୋଜିକାଲି ପ୍ରାୟ ମଣିଷ ପରି ହୋଇଥାଆନ୍ତି। ଆଉ ମଣିଷର ଅନେକ ଲକ୍ଷଣ ମୂଷାଠାରେ ଦେଖାଯାଏ। କିଛି ରିପୋର୍ଟ କହେ, ମୂଷା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ ଗବେଷଣାରେ ପ୍ରୟୋଗ କରିବା ପାଇଁ। ମୂଷାଙ୍କ ଉପରେ ଗବେଷଣାର ଫଳାଫଳ ଖୁବ୍ ଶୀଘ୍ର ମଧ୍ୟ ମିଳେ। ଏହାବାଦ୍ ମୂଷାଙ୍କ ରକ୍ଷଣାବେକ୍ଷଣ ଖୁବ୍ ସହଜ। ଏହାକୁ ଲାବ୍‌ରେ ଏକ ନିୟନ୍ତ୍ରିତ ପରିବେଶରେ ରଖାଯାଇପାରେ। ଯେଉଁଠାରେ କି ସେମାନଙ୍କ ଖାଦ୍ୟ, ଜୀବନଶୈଳୀ ଓ ବ୍ୟବହାର ଉପରେ ସହଜରେ ନଜର ରଖି ହୁଏ। ଏମାନଙ୍କ ଜୀବନ କାଳ କମ୍ ହେବା ସହ ଖୁବ୍ ଶୀଘ୍ର ପ୍ରଜନନ କରନ୍ତି। ଏହାବାଦ୍ ଖାଦ୍ୟ, ପାଣିପାଗ, ଏୟାରକ୍ୱାଲିଟି ବି ଏକ୍ସପେରିମେଣ୍ଟ ଉପରେ କ'ଣ ପ୍ରଭାବ ପକାଏ ତାହା ମୂଷାଙ୍କ ଦ୍ୱାରା ଜଣାପଡ଼େ।

# ହାତରୁ ଚୋପା ଛାଡୁଥିଲେ...



ଯଦି ଆପଣଙ୍କ ଆଙ୍ଗୁଠି ଓ ହାତ ପାପୁଲିରୁ ଚୋପା ଛାଡୁଛି ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। ଏମିତି ସମସ୍ୟା ସମସ୍ତଙ୍କ ପାଖରେ କେବେ ନା କେବେ ଦେଖା ଦେଇଥାଏ। ତେବେ ଏହି ସମସ୍ୟାକୁ ଆପଣ ଘରେ ବସି ମଧ୍ୟ ଏହାର ଉପଚାର କରିପାରିବେ। ପ୍ରତ୍ୟେକ ଦିନ ଘରେ ବ୍ୟବହାର କରୁଥିବା ଜିନିଷରୁ ମଧ୍ୟ ଆପଣ ହାତରୁ ଚୋପା ଛଡ଼ାଇବା ସମସ୍ୟା ଦୂର କରିପାରିବେ।

ଶୁଷ୍କ ତ୍ୱଚା, ସନ୍ ବର୍ଣ୍ଣ, ଏକ୍‌ଜିମା, ସିରୋସିସ, ଥଣ୍ଡା ଲାଗିବା, ବାରମ୍ବାର ସାବୁନ କିମ୍ବା ସର୍ଫରେ ହାତ ଧୋଇବା, ମାତ୍ରାଧିକ ରାସାୟନିକ ପଦାର୍ଥ ବ୍ୟବହାର କରିବା, ଏଲର୍ଜି, ଭିଟାମିନ୍ କମ୍ ଆଦି କାରଣ ପାଇଁ ହାତରୁ ଚୋପା ଛାଡ଼ିବା ଭଳି ସମସ୍ୟା ଦେଖାଯାଏ। ଚାଲନ୍ତୁ ଜାଣିବା ଘରେ କିଭଳି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

### ❍ ଗରମ ପାଣିରେ ହାତ ବୁଡ଼ାନ୍ତୁ

ଯେଉଁମାନଙ୍କ ଚର୍ମରେ ଏହି ସମସ୍ୟା ଦେଖାଦେଉଛି ସେମାନଙ୍କ ପାଇଁ ଗରମ ପାଣି ଏକ ଉପଯୁକ୍ତ ବିକଳ୍ପ। ପ୍ରତ୍ୟେକ ଦିନ ଗରମ ପାଣିରେ ୧୦ ମିନିଟ୍ ପର୍ଯ୍ୟନ୍ତ ହାତ ବୁଡ଼ାଇ ରଖନ୍ତୁ। ଏହାଫଳରେ ହାତର ଚର୍ମ ପତଳା ହୋଇଯିବା ସହ ଶୁଷ୍କ ଚର୍ମ ଆପେ ଆପେ ଛାଡ଼ିଯାଏ।

### ❍ ଡ୍ରାଏ ଫ୍ରୁଟ୍ ଖାଆନ୍ତୁ

ଆମ ଶରୀର ପାଇଁ କେତେକ ଚର୍ବି ଉପକାରୀ। ଯଦି ଉପଯୁକ୍ତ ମାତ୍ରାରେ ଏହି ସୁସ୍ଥକର ଚର୍ବି ନ ଖିଆଯାଏ ତେବେ ଶରୀର ପାଇଁ ଏହା କ୍ଷତିକାରକ ହୋଇପାରେ। ତେଣୁ ଖାଦ୍ୟରେ ଡ୍ରାଏଫ୍ରୁଟ୍ ସାମିଲ କରନ୍ତୁ। ଯାହାଫଳରେ ଆପଣଙ୍କ ଶରୀରରେ ଓମେଗା ୩ ଏବଂ ଫ୍ୟାଟି ଏସିଡ୍ ମାତ୍ରା ବୃଦ୍ଧି ପାଇବ। ଏହାଫଳରେ ତ୍ୱଚା ଶୁଷ୍କ ହୋଇ ଛାଡ଼ିବା କମ୍ ହେବା ସହିତ ଚର୍ମ ନରମ ରହିଥାଏ।

### ❍ ମଏଶ୍ଚରାଇଜିଂ

ଦିନ ସାରା ପାଣିରେ ହାତ ଧୋଇବା ଫଳରେ ହାତ ଶୁଷ୍କ ଓ ଟାଣ ହୋଇଯାଇଥାଏ। ତେଣୁ ରାତିରେ ଶୋଇବା ପୂର୍ବରୁ ହାତରେ ମଏଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ।

### ❍ ମହୁ ଏବଂ ଲେମ୍ବୁ ରସ

ଅଳ୍ପ ଗରମ ପାଣିରେ ଲେମ୍ବୁ ରସ ଓ ମହୁ ମିଶାନ୍ତୁ। ଏହି ପାଣିରେ ହାତ ବୁଡ଼ାଇ ରଖନ୍ତୁ। ୧୦ ମିନିଟ୍ ପରେ ହାତକୁ ଶୁଖିଲା କପଡ଼ାରେ ଭଲ ଭାବେ ପୋଛି ଭଲ ଗୁଣବତ୍ତାଯୁକ୍ତ ମୋଏଶ୍ଚରାଇଜିଂ କ୍ରିମ୍ ଲଗାନ୍ତୁ। ଭିଟାମିନ୍ ଇ ଯୁକ୍ତ ତେଲ ମଧ୍ୟ ଲଗାଇପାରିବେ।

### ❍ ପ୍ରୋଟିନ୍ ସେବନ କରନ୍ତୁ

ମେଟାବଲିଜିମ୍ ବୃଦ୍ଧି ପାଇଁ ଖାଦ୍ୟରେ ପ୍ରୋଟିନ୍ ସାମିଲ କରନ୍ତୁ। ଆପଣଙ୍କ ଶରୀରର କୋଷ ଏବଂ କୋଷିକା ବୃଦ୍ଧି କରିବାରେ ପ୍ରୋଟିନ୍ ସହାୟତା କରେ। ଏଥିସହିତ ଫାଟୁଥିବା ଚର୍ମକୁ ମଧ୍ୟ ଏହା ପୁନଃନିର୍ମାଣ କରେ। ପ୍ରୋଟିନ୍ ପାଇଁ ଆପଣ ଅଣ୍ଡା, ମାଂସ, ମାଛ, ଡାଲି ଆଦି ଖାଦ୍ୟରେ ସାମିଲ କରନ୍ତୁ।

### ❍ କାକୁଡ଼ି ବ୍ୟବହାର କରନ୍ତୁ


କାକୁଡ଼ିରେ ଥିବା ପ୍ରଦାହ ନିରୋଧୀ (ଆଣ୍ଟି ଇନ୍‌ଫ୍ଲାମେଟୋରୀ) ଗୁଣ ଆପଣଙ୍କ ଚର୍ମକୁ ତୁରନ୍ତ ଠିକ୍ କରିଥାଏ। ତେଣୁ କାକୁଡ଼ିକୁ କାଟି ତାହାକୁ ପ୍ରଭାବିତ ସ୍ଥାନରେ ଲଗାନ୍ତୁ। ୩୦ ମିନିଟ୍ ପରେ ହାଲୁକା ଗରମ ପାଣିରେ ଧୋଇଦିଅନ୍ତୁ।

### ❍ ଯଥେଷ୍ଟ ପାଣି ପିଅନ୍ତୁ

ହାତରୁ ଚୋପା ଛାଡ଼ିବାର ଅନ୍ୟ ଏକ କାରଣ ଡିହାଇଡ୍ରେସନ୍ ହୋଇପାରେ। ତେଣୁ ଏପରି ସମସ୍ୟା ଆରମ୍ଭ ହେଲେ ପ୍ରଚୁର ପାଣି ପିଇବା ଆରମ୍ଭ କରନ୍ତୁ। ଏହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ଶରୀରରୁ ଅଦରକାରୀ ପଦାର୍ଥ ବ୍ୟବହାର କରିବାରେ ସହାୟକ ହେବ।

# ଅନନ୍ୟ ପର୍ଯ୍ୟଟନସ୍ଥଳୀ ଖରଗୋନ





**ମଧ୍ୟପ୍ରଦେଶର ଖରଗୋନ ଜିଲ୍ଲା ଅନ୍ତର୍ଗତ ଏକ ସହର ହେଉଛି ଖରଗୋନ। ଏହା ଜିଲ୍ଲାର ମୁଖ୍ୟାଳୟ ମଧ୍ୟ। ସୂଚନାନୁଯାୟୀ, କୁନ୍ଦା ନାମକ ଏକ ନଦୀର ତଟଦେଶରେ ଅବସ୍ଥିତ ଏହି ସହରଟି ମୁଖ୍ୟତଃ କପା ଏବଂ ଲଙ୍କା ଚାଷ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ସହିତ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ମଧ୍ୟ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି...**

* **ଖରଗୋନ ଦୁର୍ଗ:** ଏହି ସହରରେ ଏକ ପୁରୁଣା ଦୁର୍ଗ ରହିଛି; ଯାହା ଖରଗୋନ ଦୁର୍ଗ ନାମରେ ପରିଚିତ। ଉକ୍ତ ଦୁର୍ଗର ଆକର୍ଷଣୀୟ ବାସ୍ତୁକଳା ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ଖାସ୍ ସେଥିପାଇଁ ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

* **ନବଗ୍ରହ ମନ୍ଦିର:** ଏହି ମନ୍ଦିରଟି ବି ହେଉଛି ଏଠାକାର ଏକ ପୁରୁଣା ମନ୍ଦିର। ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସି ଏଠାରେ ପୂଜାର୍ଚ୍ଚନା କରି ନିଜ ମନସ୍କାମନା ପୂରଣ କରି ଯାଇଥାନ୍ତି। ସେଥିପାଇଁ ଅନେକେ ଏହି ସହରକୁ 'ନବଗ୍ରହ କି ନଗରୀ' ବୋଲି ବି ସମ୍ବୋଧନ କରିଥାନ୍ତି।

* **ଓନ୍:** ନବଗ୍ରହ ମନ୍ଦିରଠାରୁ ପ୍ରାୟ ୧୭ କି.ମି ଦୂରରେ ଏକ ବହୁ ପୁରୁଣା ଗାଁ ରହିଛି; ଯାହାର ନାଁ ହେଉଛି ଓନ୍। ସୂଚନାନୁଯାୟୀ, ଏହି ଗାଁରେ ବି ଏକ ମହାଲକ୍ଷ୍ମୀ ମନ୍ଦିର ଏବଂ ଏକ ଜୈନ ମନ୍ଦିର ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। କେବଳ ଓନ୍ ଗାଁରେ ନୁହେଁ, ଖରଗୋନ ସହରର ଆଉ କେତେକ ସ୍ଥାନରେ ବି ଜୈନ ମନ୍ଦିର ଥିବାର ପର୍ଯ୍ୟଟକ ଦେଖିପାରିବେ। ତନ୍ମଧ୍ୟରୁ ଚୌବାରା ଡେରା ୨ ଏବଂ ଗ୍ୱାଲେଶ୍ୱର ମନ୍ଦିର ହେଉଛି ପ୍ରମୁଖ।

### ସ୍ୱଚ୍ଛ ସହର


ସ୍ୱଚ୍ଛତା ଦୃଷ୍ଟିକୋଣରୁ ମଧ୍ୟ ଖରଗୋନ ସହରର ଆଉ ଏକ ଭିନ୍ନ ପରିଚୟ ବି ରହିଛି। ସୂଚନାନୁଯାୟୀ, ୨୦୧୮ ମସିହାରେ କରାଯାଇଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଏହି ସହରର ନାମ ୧୫ତମ ସ୍ଥାନରେ ରହିଥିଲାବେଳେ ୨୦୨୦ ମସିହାରେ ଏହାର ନାମ ୧୦ମ ସ୍ଥାନରେ ରହିଥିଲା। ତେଣୁ ଏହିଥିରୁ ଅନୁମାନ କରିହୁଏ ଯେ, ଖରଗୋନ ସହରର ପ୍ରାକୃତିକ ପରିବେଶ ଏବଂ ରାସ୍ତାଘାଟ କେତେ ସୁନ୍ଦର ହୋଇଥିବ।

### ଅର୍ଥନୀତି

ଏହି ସହରର ଅର୍ଥନୀତି ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରିଥାଏ। ଏଠାରେ କପା ଏବଂ ଲଙ୍କା ଚାଷ ଖୁବ୍ ଭଲ ହୋଇଥାଏ। ସେଥିରୁ ସ୍ଥାନୀୟ ଲୋକଙ୍କର ଭଲ ରୋଜଗାର ହୋଇଥାଏ। ତା'ଛଡ଼ା ପର୍ଯ୍ୟଟନରୁ ବି ଏଠାକାର ଲୋକେ ଭଲ ଦୁଇ ପଇସା ଲାଭ କରିଥାନ୍ତି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯାଇହେବ। ସେହିପରି ଗମନାଗମନ ପାଇଁ ବି ଏଠାରେ ଭଲ ବ୍ୟବସ୍ଥା ରହିଛି। ଖଣ୍ଡୱା ଜଙ୍କସନ୍ ରେଳୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ପ୍ରମୁଖ ରେଳଷ୍ଟେଶନ; ଯାହା ଖରଗୋନଠାରୁ ପ୍ରାୟ ୮୭ କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ହେଉ କି ନିଜ ଯାନବାହାନ ସାହାଯ୍ୟରେ ମଧ୍ୟ ଆରାମରେ ଯାଇ ଏହି ସହରରେ ପହଞ୍ଚିପାରିବେ।





# ମନ୍ଦିର ପରିକ୍ରମା ବିଧି

ଆମର ହିନ୍ଦୁ ଧର୍ମରେ ପ୍ରଭୁଙ୍କୁ ପରିକ୍ରମା ରହିବାର ବିଧି ରହିଛି। ବିଶ୍ୱାସ ରହିଛି ଯେ ଠାକରଙ୍କ ଚାରିପାଖରେ ପରିକ୍ରମା କଲେ ସବୁ ପାପର ବିନାଶ ହୋଇଥାଏ। ତେବେ ଏହି ପରିକ୍ରମା ଠାକୁର ଦର୍ଶନର ଏକ ଅପରିହାର୍ଯ୍ୟ ପରମ୍ପରା ଏବଂ ଆଜି ମଧ୍ୟ ପୂଜାବେଳେ ଏହା ପାଳନ କରାଯାଏ। ଏଥି ସହିତ ଯଦି ଆମେ ଏହାକୁ ବିଜ୍ଞାନ ଦୃଷ୍ଟିକୋଣରୁ ଦେଖିବା, ତେବେ ଶାରୀରିକ ଶକ୍ତି ବିକାଶରେ ମନ୍ଦିର ଚାରିପଟେ ଚାଲିଚାଲି ବୁଲିବାର ବିଶେଷ ମହତ୍ୱ ରହିଛି।

ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ପରିକ୍ରମା କରିବାର ବିଭିନ୍ନ ନିୟମ ବା ବିଧି ରହିଛି। ସେହି ଅନୁସାରେ ସୂର୍ଯ୍ୟ ଭଗବାନଙ୍କର ୭ ଥର, ଶ୍ରୀ ଗଣେଶଙ୍କ ୪ ଥର, ଭଗବାନ ବିଷ୍ଣୁଙ୍କ ଏବଂ ତାଙ୍କର ସମସ୍ତ ଅବତାରଙ୍କ ୪ ଥର, ଦେବୀ ଦୁର୍ଗାଙ୍କର ଥରେ, ହନୁମାନଜୀଙ୍କର ୩ ଥର, ଶିବଙ୍କ ଅର୍ଦ୍ଧ ପରିକ୍ରମା କରିବାର ନିୟମ ରହିଛି। ଶିବଙ୍କର ଅର୍ଦ୍ଧ ପରିକ୍ରମା କରିବାର କାରଣ ରହିଛି। ତାହା ହେଲା, ମା' ପାର୍ବତୀଙ୍କ ସମ୍ମୁଖରେ ଶିବଙ୍କ ପାଦୁକା କୁଣ୍ଡ ରହିଥାଏ। ଏକ ନାଳ ଦ୍ୱାରା ଏହି ପାଦୁକା କୁଣ୍ଡ ସଂଯୋଗ କରାଯାଇଥାଏ। ସେଥିପାଇଁ ଏହି ପାଦୁକା ନାଳ ବା କୁଣ୍ଡକୁ ଡେଇଁ ଯିବା ଉଚିତ ନୁହେଁ। ଆପଣ ଶିବ ମନ୍ଦିର ଯିବା ବେଳେ ମୁଖ୍ୟଦ୍ୱାର ପାର ନ ହୋଇ ପରିକ୍ରମା କରିବା ଉଚିତ୍। ଫଳରେ ପ୍ରଥମେ ଶ୍ରୀ ଗଣେଶଙ୍କୁ ଦର୍ଶନ କରିବେ। ଏହାପରେ କାର୍ତ୍ତିକ ଦେବ ଏବଂ ପରେ ମା' ପାର୍ବତୀଙ୍କୁ ଦର୍ଶନ କରିବେ। ଦେବୀ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସେଠାରେ ଦର୍ଶନ କରି ସେହିଠାରୁ ହିଁ ଫେରିଆସିବା ଉଚିତ୍। ମା'ଙ୍କ ନିକଟରେ ପହଞ୍ଚିଗଲେ ତାହା ଶିବ ମନ୍ଦିରର ପୂର୍ଣ୍ଣ ପରିକ୍ରମା ବୋଲି ଧରାଯାଇଥାଏ।

# ବିଶ୍ୱ ବକ୍ସିଂ କପ୍: ନିକହତ୍ ଜରୀନ୍‌ଙ୍କ ଗୋଲ୍‌ଡେନ୍ ପଞ୍ଚ୍

ନୂଆଦିଲ୍ଲୀ: ବିଶ୍ୱ ବକ୍ସିଂ କପ୍ ଫାଇନାଲ୍‌ରେ ଭାରତୀୟ ବକ୍ସର୍‌ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମହିଳା ୫୧ କିଗ୍ରା ବର୍ଗରେ ନିକହତ୍ ଜରୀନ୍ ଫାଇନାଲ୍‌ରେ ଚୀନା ତାଇପେଇର ଝୁଆନ୍ ୟି ଗୁଓଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଭାରତ ବର୍ତ୍ତମାନ ସୁଦ୍ଧା ସାତ ସ୍ୱର୍ଣ୍ଣ ପଦକ ଜିତିସାରିଛି। ମୀନାକ୍ଷୀ ହୁଡ୍ଡା (୪୮ କିଗ୍ରା), ପ୍ରୀତି ପୱାର୍ (୫୪ କିଗ୍ରା), ଜାସ୍ମିନ୍ ଲେମ୍ବୋରିୟା (୫୭ କିଗ୍ରା), ପରୱିନ୍ ହୁଡ୍ଡା (୬୦ କିଗ୍ରା), ଅନୁନ୍ଧତି (୭୦ କିଗ୍ରା) ଏବଂ ନୂପୁର ଶ୍ୟୋରଣ (୮୦+ କିଗ୍ରା) ବର୍ଗରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି।



ପ୍ୟାରିସ୍ ଅଲିମ୍ପିକ୍ ୨୦୨୪ରେ ଶୀଘ୍ର ବାଦ୍ ପଡ଼ିବା ପରେ ନିକହତ୍ ବହୁ କମ୍ ମ୍ୟାଚ୍ ଖେଳିଛନ୍ତି। ଚଳିତ ବର୍ଷ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ମଧ୍ୟ ସେ ଭାଗ ନେଇଥିଲେ। ମାତ୍ର କ୍ୱାର୍ଟର୍ ଫାଇନାଲ୍‌ରେ ତୁର୍କୀର ବୁସେ ନାଜ୍‌କାକିରୋଗ୍ଲୁଙ୍କ ଠାରୁ ହାରି ଯାଇଥିଲେ। ୨୧ ମାସ ପରେ ଏହା ତାଙ୍କର ପ୍ରଥମ ପଦକ। ଟୁର୍ଣ୍ଣାମେଣ୍ଟରେ ମହିଳା ବକ୍ସର୍ ଦେଶର ନାମ ଉଜ୍ଜ୍ୱଳ କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ବକ୍ସର୍‌ମାନେ ଫାଇନାଲ୍‌ରେ ପହଞ୍ଚି ମଧ୍ୟ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। ଅଭିନାଶ ଜାମୱାଲ୍ ପୁରୁଷ ୬୫ କିଗ୍ରା ଫାଇନାଲ୍‌ରେ ଜାପାନର ଶିୟୋନ୍ ନିଶିୟାମାଙ୍କ ଠାରୁ ପରାଜିତ ହୋଇ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଅଙ୍କୁଶ ପଙ୍ଘଲ୍‌ଙ୍କୁ ୮୦ କିଗ୍ରା ଫାଇନାଲ୍‌ରେ ଇଂଲଣ୍ଡର୍ ଶିଙ୍ଗୁ ଓଲାଠିମେଜି ହରାଇ ଦେଇଛନ୍ତି। ୫୦ କିଗ୍ରା ଫାଇନାଲ୍‌ରେ ଯଦୁମଣି ସିଂହ ଉଜ୍‌ବେକିସ୍ତାନର ଆସିଲବେକ ଜଲିଲୋଭାଙ୍କ ଠାରୁ ଅଳ୍ପକେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ୫୫ କିଗ୍ରା ବର୍ଗର ଫାଇନାଲ୍‌ରେ ପବନ ବର୍ତ୍ୱାଲ୍ ମଧ୍ୟ ପରାଜିତ ହୋଇଛନ୍ତି।

## ଡବ୍ଲ୍ୟୁପିଏଲ୍ ଅକ୍ସନ୍: ମାର୍କି ସେଟ୍‌ରେ ଦୀପ୍ତି ଓ ହିଲି

ମୁମ୍ବାଇ: ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ମେଗା ଅକ୍ସନ୍ ପୂର୍ବରୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ୨୭୭ ଖେଳାଳିଙ୍କୁ ଶର୍ଟଲିଷ୍ଟ କରିଛି। ଏହା ମଧ୍ୟରେ ୮୩ ବିଦେଶୀ, ୧୫୫ ଅନ୍‌କ୍ୟାପ୍‌ଡ ଏବଂ ୪ ଆସୋସିଏଟ୍ ଦେଶର ଖେଳାଳି ରହିଛନ୍ତି। ଏହା ବ୍ୟତୀତ ଭାରତର ୩୫ ଅନ୍ତର୍ଜାତୀୟ ଖେଳାଳି ମଧ୍ୟ ଅକ୍ସନ୍‌ରେ ଭାଗନେବେ। ଏହା ମଧ୍ୟରେ ବାଂଲାଦେଶ ଅଲ୍‌ରାଉଣ୍ଡର୍ ଶୋରନା ଅଖ୍ତର ଏବଂ ୱେଷ୍ଟଇଣ୍ଡିଜ୍‌ର ଜଜରା କ୍ଲାକ୍ସଟନ୍ ସର୍ବକନିଷ୍ଠ ଖେଳାଳି। ଶୋରନାଙ୍କୁ ୧୮ ବର୍ଷ ହୋଇଥିବା ବେଳେ ଜଜରାଙ୍କ ବୟସ ୧୯ ବର୍ଷ। ଭାରତର ୨୨ ବର୍ଷୀୟା କ୍ରାନ୍ତି ଗୌଡ଼ ମଧ୍ୟ ଅକ୍ସନ୍‌ରେ ସାମିଲ ହେବେ।

୫ ଟିମ୍‌ରେ ୭୩ ଖେଳାଳିଙ୍କ ସ୍ଥାନ ଖାଲି ଥିବାବେଳେ ଅକ୍ସନ୍ ନଭେମ୍ବର ୨୭ରେ ନୂଆଦିଲ୍ଲୀରେ ହେବାର କାର୍ଯ୍ୟକ୍ରମ ରହିଛି। ୟୁପି ୱାରିୟର୍ସ ଟିମ୍ ସର୍ବାଧିକ ୧୪.୫୦ କୋଟି ଟଙ୍କାର ପର୍ସ ସହ ଅକ୍ସନ୍‌କୁ ଓହ୍ଲାଇବ। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ ପର୍ସ ସବୁଠୁ ଛୋଟ ରହିବ।

ଶର୍ଟଲିଷ୍ଟରେ ୬ ଜଣ ଖେଳାଳିଙ୍କୁ ମାର୍କି ଖେଳାଳି ସେଟ୍‌ରେ ରଖାଯାଇଛି। ଏହା ମଧ୍ୟରେ ଭାରତର ଦୀପ୍ତି ଶର୍ମା ଏବଂ ରେଣୁକା ସିଂହ ଠାକୁରଙ୍କ ବ୍ୟତୀତ ବିଦେଶର ୬ ଖେଳାଳି ସାମିଲ। ସେମାନେ ହେଲେ ନ୍ୟୁଜିଲାଣ୍ଡର୍ ସୋଫି ଡିଭାଇନ୍, ଆମେଲିଆ କେର୍, ଇଂଲଣ୍ଡର ସୋଫି ଏକ୍ଲେଷ୍ଟନ୍, ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍, ଏଲିସା ହିଲି ଏବଂ ସାଉଥ୍ ଆଫ୍ରିକାର ଲୌରା ୱୁଲ୍‌ଭର୍ଡଟ୍। ୱୁଲ୍‌ଭର୍ଡଟ୍‌ଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଏବଂ ରେଣୁକାଙ୍କ ୪୦ ଲକ୍ଷ ଟଙ୍କା ରହିଛି। ଏହା ବ୍ୟତୀତ ବାକି ୬ ମାର୍କି ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ଲେଖାଏଁ ରହିଛି। ଏହି ସେଟ୍ ବ୍ୟତୀତ ମଧ୍ୟ ୧୩ ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିବ। ଏଥିରେ ଫିବି ଲିଚ୍‌ଫିଲ୍ଡ, ପୂଜା ବସ୍ତ୍ରାକାର, କ୍ରାନ୍ତି ଗୌଡ଼, ପ୍ରତିକା ରାୱଲ୍ ଏବଂ ଜର୍ଜିୟା ୱେରହମ୍‌ଙ୍କ ପରି ଖେଳାଳି ସାମିଲ ଅଛନ୍ତି।

# ଇତିହାସ ରଚିଲେ ମୁଶ୍‌ଫିକୁର ରହିମ୍

ଢାକା: ବାଂଲାଦେଶର ଅନୁଭବୀ ୱିକେଟ୍‌କିପର୍-ବ୍ୟାଟର୍ ମୁଶଫିକୁର୍ ରହିମ୍ ଢାକାରେ ନିଜର ୧୦୦ତମ ଟେଷ୍ଟ ମ୍ୟାଚ୍‌କୁ ସ୍ମରଣୀୟ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷରେ ଜାରି ମ୍ୟାଚ୍‌ର ତୃତୀୟ ଦିନ ସେ ଚମତ୍କାର ଶତକ ହାସଲ କରି ଟେଷ୍ଟ କ୍ରିକେଟ୍ ଇତିହାସରେ ଏକ ବିରଳ ଉପଲବ୍ଧି ହାସଲ କରିଛନ୍ତି। ଏହା ସହିତ ରହିମ୍ ନିଜର ୧୦୦ତମ ଟେଷ୍ଟରେ ତିନି ଅଙ୍କର ସ୍କୋର୍ କରିଥିବା ଏଲିଟ୍ ବ୍ୟାଟର୍‌ଙ୍କ ସୂଚୀରେ ସାମିଲ ହୋଇଛନ୍ତି। ଶାନ୍ତ ସ୍ୱଭାବ ଏବଂ ଉନ୍ନତ ଟେକ୍‌ନିକ୍ ପାଇଁ ଜଣାଶୁଣା ମୁଶଫିକୁର ନିଜ ଇନିଂସ୍‌ରେ ସଂଯମ, ଧୈର୍ଯ୍ୟ ଏବଂ କ୍ଲାସ୍‌ର ମିଶ୍ରଣ ଦେଖାଇଛନ୍ତି। ଦ୍ୱିତୀୟ ଦିନ ୯୯ ରନ୍‌ରେ ଅପରାଜିତ ଥିବା ମୁଶ୍‌ଫୁକର୍‌ଙ୍କ ଆଗରେ ସକାଳର ଆହ୍ୱାନ ଶାନ୍ତ ସ୍ୱଭାବରେ ଇନିଂସ୍ ଆଗେଇ ନେବାର ଥିଲା। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ଦିନର ଆରମ୍ଭ ଅନୁଶାସିତ ଲାଇନ୍ ଓ ଲେନ୍ଥ ସହିତ କରିଥିଲା। ଜୋର୍ଡାନ୍ ନିଲ୍‌ଙ୍କୁ ପୁଣିଥରେ ଆଟାକ୍‌ରେ ଲଗାଯାଇଥିବା ବେଳେ ମାଥ୍ୟୁ ହମ୍ଫ୍ରିଜ୍ ସ୍ପିନ୍ ବଲରେ ଚାପ ସୃଷ୍ଟି ପାଇଁ ଉଦ୍ୟମ କରିଥିଲେ। ୯୧ତମ ଓଭର୍‌ର ପ୍ରଥମ ବଲ୍‌ରେ ଲିଟନ୍ ଦାସ ଏକ ରନ୍ ନେବାପରେ ଷ୍ଟାଡିୟମ୍‌ରେ ଆଶାର କିରଣ ଦେଖିବାକୁ ମିଳିଥିଲା। ନିଲ୍ କେତେକ ଉନ୍ନତ ବଲ୍ ପକାଇ ରହିମ୍‌ଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ ଓଭର୍‌ର ତୃତୀୟ ବଲ୍‌ରେ ସେ ଗୋଡ଼ର ଉପଯୋଗ କରି ସ୍କ୍ୱାୟାର୍ ଲେଗ୍ ଦିଗରେ ଏକ ରନ୍ ନେବା ସହିତ ଶତକ ପୂରଣ କରିଥିଲେ। ଶେର୍-ଏ-ବାଂଲା ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ଛିଡ଼ାହୋଇ ତାଙ୍କର ସ୍ୱାଗତ କରିଥିବା ବେଳେ ସାଥୀ ଖେଳାଳି ଏହି ଐତିହାସିକ କ୍ଷଣକୁ ସ୍ୱତନ୍ତ୍ର କରିଦେଇଥିଲେ। ଏହି ଉପଲବ୍ଧି ପରିପକ୍ୱତା, ନିରନ୍ତରତା ଏବଂ ଟେଷ୍ଟ କ୍ରିକେଟ୍‌ରେ ରହିମ୍ ଦୀର୍ଘ ଦମୟ ପର୍ଯ୍ୟନ୍ତ ତୁଲାଇଥିବା ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ଆହୁରି ଶକ୍ତିଶାଳୀ କରିଛି।

ଟେଷ୍ଟ କ୍ରିକେଟ୍‌ରେ ୧୦୦ତମ ମ୍ୟାଚ୍‌ରେ ଶତକ ହାସଲ କରିବାରେ ମୁଶଫିକୁର୍ ବିଶ୍ୱର ଏକାଦଶ ଖେଳାଳି ହୋଇଛନ୍ତି। ଏହି ଏଲିଟ୍ ଲିଷ୍ଟରେ କଲିନ୍ କାଉଡ୍ରେ, ଜାଭେଦ୍ ମିଆଁଦାଦ୍, ରକି ପଣ୍ଟିଂ, ହାଶିମ୍ ଅମ୍‌ଲା, ଜୋ ରୁଟ୍ ଏବଂ ଡେଭିଡ୍ ୱାର୍ଣ୍ଣର୍‌ଙ୍କ ପରି ମହାନ୍ ସାମିଲ ଅଛନ୍ତି। ଏହା ସହିତ ମୁଶ୍‌ଫିକୁର୍ ରହିମ୍ ଆଉ ଏକ ବଡ଼ କୀର୍ତ୍ତିମାନ ନିମ ନାମରେ କରିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ୧୦୦ ମ୍ୟାଚ୍ ଖେଳିବାରେ ସେ ବିଶ୍ୱର ପଞ୍ଚମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି ଉପଲବ୍ଧି ରୋଜ୍ ଟେଲର୍, ଡେଭିଡ୍ ୱାର୍ଣ୍ଣର୍, ଟିମ୍ ସାଉଦୀ ଏବଂ ବିରାଟ କୋହଲିଙ୍କ ନାମରେ ରହିଛି। ସେ ପ୍ରଥମ ବାଂଲାଦେଶୀ ଖେଳାଳି ଭାବେ ଏହି ରେକର୍ଡ କରିଛନ୍ତି। ସେହିପରି ବାଂଲାଦେଶ ପକ୍ଷରୁ ୧୦୦ ଟେଷ୍ଟ ଖେଳିବାରେ ସେ ପ୍ରଥମ କ୍ରିକେଟର୍ ହୋଇଛନ୍ତି। ୩୮ ବର୍ଷୀୟ ରହିମ୍ ୨୦୦୫ରେ ବାଂଲାଦେଶ ପକ୍ଷରୁ ଟେଷ୍ଟ କ୍ରିକେଟ୍ ଡେବ୍ୟୁ କରିଥିଲେ।

# ବାରବାଟୀ ମୁକାବିଲା: ନବୀକରଣ କାର୍ଯ୍ୟ ଅନୁଧ୍ୟାନ କଲେ ଆଇଆଇଟି ପ୍ରତିନିଧି

ଭୁବନେଶ୍ୱର: ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୯ ତାରିଖରେ ଭାରତ ଓ ସାଉଥ୍ ଆଫ୍ରିକା ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ଚାଲିଥିବା ବିଭିନ୍ନ ଗ୍ୟାଲେରୀର ନବୀକରଣ କାର୍ଯ୍ୟ ଶେଷ ହୋଇଛି। ଏହା ସହିତ ଆଜି ଭୁବନେଶ୍ୱର ଆଇଆଇଟି ସିଭିଲ୍ ବିଭାଗର ଏକ ୮ ଜଣିଆ ପ୍ରତିନିଧି ଦଳ ଷ୍ଟାଡିୟମ୍ ଅନୁଧ୍ୟାନ କରି ଫେରିଛି। ଅନ୍ୟପକ୍ଷରେ ନବୀକରଣ କାର୍ଯ୍ୟ ପରେ ବାରବାଟୀରେ ସିଟ୍ ସଂଖ୍ୟା ପ୍ରାୟ ଅଢ଼େଇ ହଜାର କମିବ ବୋଲି ଓସିଏର କନ୍‌ସଲ୍‌ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ପ୍ରତି ଗ୍ୟାଲେରୀରେ ତିନୋଟି ଲେଖାଏ ପାଥ୍-ୱେ ନିର୍ମାଣ କରାଯାଉଛି। ଗ୍ୟାଲେରୀରେ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ସ୍ୱତନ୍ତ୍ର ରାସ୍ତା ଥିଲେ ମଧ୍ୟ ପାଥ-ୱେ ଜରିଆରେ ଦର୍ଶକ ମ୍ୟାଚ୍ ଚାଲିଥିବା ବେଳେ ଯାତାୟାତ କରିପାରିବେ। ଏହି ରାସ୍ତା ଜରୁରୀକାଳୀନ ସମୟରେ ମଧ୍ୟ ଉପଯୋଗ କରାଯିବ। ବାରବାଟୀ ଷ୍ଟାଡିୟମ୍‌ରେ ଏଭଳି ବ୍ୟବସ୍ଥା ପ୍ରଥମ ଥର ହୋଇଛି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଟି-୨୦ ମ୍ୟାଚ୍ ପରିପ୍ରେକ୍ଷୀରେ ଓସିଏ ପକ୍ଷରୁ ଷ୍ଟାଡିୟମ୍‌ରେ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍‌କୁ ଚଉଡ଼ା କରାଯାଇ ୨୨ ଇଞ୍ଚ କରାଯାଇଛି।



୭ଟି ଯାକ ଗ୍ୟାଲେରୀରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଓସିଏ ପରାମର୍ଶକ୍ରମେ ଆଇଆଇଟି ପ୍ରତିନିଧି ଆଜି ଷ୍ଟାଡିୟମ ଅନୁଧ୍ୟାନ କରିଥିଲା ବେଳେ ସ୍ଥିତାବସ୍ଥା ଉପରେ ସନ୍ତୋଷବ୍ୟକ୍ତ କରିଥିବା ଜଣାପଡ଼ିଛି। ଷ୍ଟାଡିୟମ୍‌ର ଫିଟ୍‌ନେସ୍ ରିପୋର୍ଟ ଏହି ଟିମ୍ ପ୍ରସ୍ତୁତ କରିବ। ଡିସେମ୍ବର ୬ ତାରିଖ ସୁଦ୍ଧା ଫିଟନେସ୍ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ।

## ହ୍ୱାଇଟ୍ ବଲ୍ ସିରିଜ୍ ପାଇଁ ସାଉଥ୍ ଆଫ୍ରିକା ଟିମ୍ ଘୋଷିତ

ନୂଆଦିଲ୍ଲୀ: ଭାରତ ବିପକ୍ଷ ଦିନିକିଆ ଏବଂ ଟି-୨୦ ସିରିଜ୍ ପାଇଁ ସାଉଥ୍ ଆଫ୍ରିକା ଟିମ୍ ଘୋଷିତ ହୋଇଛି। ଟେଷ୍ଟ କ୍ୟାପ୍‌ଟେନ୍ ଟେମ୍ବା ବାଭୁମାଙ୍କୁ ଦିନିକିଆ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଏଡେନ୍ ମାର୍କରମ୍ ଟି-୨୦ ଫର୍ମାଟ୍‌ରେ ଟିମ୍‌ର କ୍ୟାପ୍‌ଟେନ୍ ହେବେ। ଭାରତ ଓ ସାଉଥ୍ ଆଫ୍ରିକା ମଧ୍ୟରେ ୩ ଦିନିକିଆ ଏବଂ ପାଞ୍ଚ ଟି-୨୦ ମ୍ୟାଚ୍‌ର ସିରିଜ୍ ନଭେମ୍ବର ୩୦ରୁ ଆରମ୍ଭ ହେବ। ଦିନିକିଆ ସିରିଜ୍‌ର ତିନିଟି ମ୍ୟାଚ୍ ରାଞ୍ଚି, ରାୟପୁର ଏବଂ ବିଶାଖାପାଟଣାରେ ଖେଳାଯିବ। ଟି-୨୦ ଟିମ୍‌ରେ ଡୋନୋଭନ୍ ଫରେରା, ରୀଜା ହେଣ୍ଡ୍ରିକ୍ସ, ଜର୍ଜ ଲିଣ୍ଡେ, ଡେଭିଡ୍ ମିଲର୍ ଏବଂ ଏନ୍‌ରିକ୍ ନୋର୍ଜେଙ୍କୁ ସାମିଲ କରାଯାଇଛି। ସିରିଜ୍‌ର ୫ ମ୍ୟାଚ୍ ଡିସେମ୍ବର ୯ରୁ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ମ୍ୟାଚ୍ କଟକ, ମୁଲ୍ଲାନ୍‌ପୁର, ଧର୍ମଶାଳା, ଲକ୍ଷ୍ନୌ ଏବଂ ଅହମଦାବାଦରେ ଆୟୋଜିତ ହେବ।

ସାଉଥ୍ ଆଫ୍ରିକା ଦିନିକିଆ ସ୍କ୍ୱାଡ୍: ଟେମ୍ବା ବାଭୁମା (କ୍ୟାପ୍‌ଟେନ୍), ଓଟନିଲ୍ ବାର୍ଟମ୍ୟାଚ୍, କୋର୍ବିନ୍ ବଶ୍, ମାଥ୍ୟୁ ବ୍ରିଟ୍‌ଜକୀ, ଡେଭାଲ୍ଡ ବ୍ରେଭିସ୍, ନାନ୍ଦ୍ରେ ବର୍ଗର, କ୍ୱିଣ୍ଟନ ଡି କକ୍, ଟୋନି ଡି ଜର୍ଜି, ରୁବିନ୍ ହରମନ୍, ମାର୍କୋ ଜାନ୍‌ସେନ୍, କେଶବ ମହାରାଜ, ଏଡେନ୍ ମାର୍କରମ୍, ଲୁଙ୍ଗି ଏନ୍‌ଗିଡ଼ି, ର୍ୟାନ୍ ରିକେଲ୍‌ଟନ୍, ପ୍ରନେଲନ୍ ସୁବ୍ରାୟନ୍।

ଟି-୨୦ ସ୍କ୍ୱାଡ୍: ଏଡେନ୍ ମାର୍କରମ୍ (କ୍ୟାପ୍‌ଟେନ୍), ଓଟନିଲ୍ ବାର୍ଟମ୍ୟାନ୍, କୋର୍ବିନ୍ ବଶ୍, ଡେଭାଲ୍ଡ ବ୍ରେଭିସ୍, କ୍ୱିଣ୍ଟନ୍ ଡି କକ୍, ଟୋନି ଡି ଜର୍ଜି, ଡୋନେଭନ ଫରେରା, ରୀଜା ହେଣ୍ଡ୍ରିକ୍ସ, ମାର୍କୋ ଜାନ୍‌ସେନ୍, ଜର୍ଜ ଲିଣ୍ଡେ, କେଶବ ମହାରାଜ, କ୍ୱେନା ମଫାକା, ଡେଭିଡ୍ ମିଲର୍, ଲୁଙ୍ଗି ଏନ୍‌ଗିଡ଼ି, ଏନ୍‌ରିକ୍ ନୋର୍ଜେ ଏବଂ ଟ୍ରିଷ୍ଟନ୍ ଷ୍ଟବ୍ସ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email: mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**